## ସଂକ୍ଷେପରେ

### ବିକାଶ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଭବାନୀପାଟଣା,୨୩।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ବାନ୍ଦୋପଲାସ୍ଥିତ ବିକାଶ କଲେଜର ୱେସଡ଼ମ ପାର୍କ ପରିସରରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଦ୍ୟାର୍ଥୀଙ୍କ ବିଦାୟ କାଳୀନ ସମ୍ବାର୍ଦ୍ଧନା (ଲହ୍ନେ) ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିକାଶର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶର ରାଓ, ଅନ୍ୟତମ ଅତିଥି ଭାବେ ଆର୍. ଅସ ଏସ ଭି କ୍ରିଷ୍ଣା, ନିର୍ଦ୍ଦେଶକ ଡି. ରାମ, ଅନ୍ୟତମ ନିର୍ଦ୍ଦେଶକ ଡି. ଶ୍ୟାମ, ଏକାଡେମୀକ ଇନ୍‌ଚାର୍ଜ ଡି. ବିଜୟା, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ଉତ୍ସବରେ ଉଜ୍ଜଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ଶୁଭ କାମନା ଓ ମାର୍ଗ ଦର୍ଶନ କରିଥିଲେ। ସୁଶ୍ରୀ ଆରତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଦ୍ୱିତିୟ ବର୍ଷର ଛାତ୍ରୀଛାତ୍ରମାନେ କଲେଜରେ ବିତାଇ ଥିବା ୨ ବର୍ଷର ଅନୁଭୂତି ପ୍ରକାଶ କରି ନବାଗତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ପଟ୍ଟନାୟକ ପରଲୋକ

**ଖଡ଼ିଆଳ,୨୩।୨(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ନିବାସୀ ଜିଲାର



ବରିଷ୍ଠ ସାମ୍ବାଦିକ ସୁବାଷ ଚନ୍ଦ୍ର ପଟ୍ଟନାୟକ (୮୩)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ ଖଡ଼ିଆଳ କରଣ ସମଜର ସଭାପତି ଭାବେ ଦୀର୍ଘ ବର୍ଷ ରହି ସମାଜ ସଂସ୍କାର ମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲା ସାମ୍ବାଦିକ ସଂଘ ପ୍ରତିଷ୍ଠାତା ଥିବା ବେଳେ ସଂଘ ସଭାପତି ମଧ ଥିଲେ। ତାଙ୍କ ତିନି ପୁଅ ଏବଂ ପୁତ୍ରବଧୁ ତାଙ୍କ ଅନ୍ତିମ ସମୟରେ ଉପସ୍ଥିତ ଥିଲେ। ବଡ଼ ପୁଅ ପ୍ରଣବ ପଟ୍ଟନାୟକ, ସନ୍ଦୀପ ପଟ୍ଟନାୟକ ଓ ଛୋଟ ପୁଅ ରିତେଶ ପଟ୍ଟନାୟକ। ତାଙ୍କର ମୃତ୍ୟୁ ନେଇ ସମସ୍ତ ସାମ୍ବାଦିକ ସଂଘ, ଜିଲା ବିଭିନ୍ନ ମହଲରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି।

### ସାମ୍ବାଦିକଙ୍କ ବିୟୋଗରେ ଶୋକସଭା

**ନୂଆପଡ଼ା ଅଫିସ,୨୩।୨:** ନୂଆପଡା ଜିଲା ଖଡିଆଳସ୍ଥିତ ବାସ ଭବନରେ ବରିଷ୍ଠ ସାମ୍ବାଦିକ ସୁବାଷ ପଟ୍ଟନାୟକଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁ ଖବର ପାଇବା ପରେ ଜିଲାରେ ଶୋକର ଛାୟା ଖେଳି ଯାଇଛି। ଏହିକ୍ରମରେ ନୂଆପଡା ସଦର ମହକୁମାସ୍ଥିତ ଗାନ୍ଧୀ ପ୍ରମୋଦ ଉଦ୍ୟାନଠାରେ ନୂଆପଡା ସାମ୍ବାଦିକ ସମନ୍ୱୟ ସମିତି ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ଡେନିସ ରୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୃତକ ସାମ୍ବାଦିକଙ୍କ ଅମରଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ଜିଲା ସାମ୍ବାଦିକମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ପୋଡ଼ିଗଲା ଅର୍ବାନ ପ୍ଲାଣ୍ଟ

- ବନ ବିଭାଗର ଅବହେଳା, ଲକ୍ଷାଧିକ ଟଙ୍କାର ଗଛ ନଷ୍ଟ
- ଫଟୋ ଭାଇରାଲ କରିବାରୁ ମାଡ଼ ମାରିବା ଅଭିଯୋଗ
- ରେଞ୍ଜରଙ୍କ ନାମରେ ଥାନାରେ ଏତଲା



**ଲାଞ୍ଜିଗଡ଼,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳ ଅଧୀନରେ ଥିବା ମୂଷାନାଳ ସେକ୍ସନ ମୂଷାନାଳ ନିକଟସ୍ଥ ପାତର ଡଙ୍ଗର ରେତ ନଦୀ କୂଳରେ ମୂଷା ନାଳ ବନ ବିଭାଗ ଦାରା ୨୦୧୯-୨୦ରେ ପ୍ରାୟ ୭ ଏକର ଜମିରେ ଏକ ଅର୍ବାନ ପ୍ଲାଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏଥିରେ ୧୦ ହଜାର ଗଛ କାଜୁ, ନିମ୍ବ, ତେନ୍ତୁଳି, ଆମ୍ବ, ପଣସ, ଶିଶୁଆ ଆଦି ମୂଲ୍ୟବାନ ଗଛ ଲଗାଯାଇଥିବା ବେଳେ ବୁଧବାର ନିଆଁ ଲାଗି ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଗଛ ପୋଡି ନଷ୍ଟ ହୋଇଯାଇଛି। ମୂଷାନାଳ ବନ ବିଭାଗ ଅଧୀନରେ ଥିବା ଏହି ଅର୍ବାନ ପ୍ଲାଣ୍ଟରେ ଉଭୁଜ ଲାଲ ହରିଜନ ଜଗୁଆଳି ଦାୟିତ୍ୱରେ ରହିଥିବା ବେଳେ ସେ ୩ ମାସ ହେଲା ଦରମା ନ ପାଇବା ଯୋଗୁ ଆଉ ଦେଖାରେଖା କରୁନାହାନ୍ତି। ବର୍ତ୍ତମାନ ଏହି ଅର୍ବାନ ପ୍ଲାଣ୍ଟ ତାର ବାଡ଼ା ଭିତରେ ତଥା ପ୍ଲାଣ୍ଟ ବାହାରେ ବହୁ ଅନାବନା ଗଛ ଲାଗି ରହିଥିବା ବେଳେ ବହୁଦିନ ଧରି ଏହାକୁ ସଫାସୁତୁରା କରାଯାଉନାହିଁ। ନିକଟସ୍ଥ ଜଙ୍ଗଲରୁ ନିଆଁ ଆସି ପ୍ଲାଣ୍ଟରେ ଲାଗି ଯାଇଥିଲା। ବନ ବିଭାଗ ଅନୁପସ୍ଥିତ ଓ ଅବହେଳା ଯୋଗୁ ପୂର୍ବରୁ ଫାୟାର ଲାଇନ କଟା ଯାଇ ନ ଥିଲା। ଫଳରେ ପ୍ଲାଣ୍ଟ ଚାରି ପାର୍ଶ୍ୱରେ ଶୁଖିଲା ପତ୍ର ପଡି ରହିଥିବା ଯୋଗୁ ସହଜରେ ନିଆଁ ଲାଗି ହଜାର ହଜାର ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୂଷାନାଳ ଫରେଷ୍ଟର ଚିନ୍ତା ମାଝି ଓ ରେଞ୍ଜର ନରୋତ୍ତମ ମାଝି ରହିଥିବା ଜଗୁଆଳି ଉଭୁଜ ଲାଲଙ୍କୁ ଫଟୋ କାହିଁକି ଭାଇରାଲ କରିଲେ ବୋଲି ମାଡ଼ ମାରିଥିଲେ। ଏ ନେଇ ସେ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଦଫା ୩୪୧, ୨୯୪, ୩୨୩ ଏକ ମାମଲା (ନଂ. ୨୦/୨୩) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ରେଞ୍ଜର ନରୋତ୍ତମ ମାଝିଙ୍କୁ ପଚାରିବାରୁ ଏହା ମିଥ୍ୟାକଥା, ମୁଁ ତାଙ୍କୁ ଡାକି ପଚାରିବାରୁ ସେ ଏଭଳି ବାଢ଼େଇବା କଥା କହୁଛନ୍ତି ବୋଲି ସେ କହିଛନ୍ତି।

# ବ୍ଲକସ୍ତରୀୟ ପରାମର୍ଶ ଶିବିର



ପରାମର୍ଶ ଶିବିରରେ ଯୋଗଦେଇଥିବା ଯୁବତୀଯୁବକମାନେ।

**କୋକସରା,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ସରକାରଙ୍କ ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ବ୍ଲକ ଓଏଲଏମ ସଂଯୋଜକ ସୁରେଶ କୁମାର ରାଉତଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ବିଡିଓ ଦେବବ୍ରତ କରାଟି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦାମୋଦର ବିଶ୍ୱାଳ, ଜିଲା ନିୟୋଜନ କାର୍ଯ୍ୟାଳୟର ଅଧିକାରୀ ଯୋଗଦେଇ ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କୁ ଆତ୍ମ ନିର୍ଭରଶୀଳ ହେବା ପାଇଁ ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ଓ ରାଜ୍ୟ ସରକାରଙ୍କ ସହ ଅନୁବନ୍ଧିତ ଥିବା ବିଭିନ୍ନ ବେସରକାରୀ ସଂସ୍ଥା ପକ୍ଷରୁ ତାଲିମ ପ୍ରଦାନ ସହ ନିଯୁକ୍ତି ସୁଯୋଗ ରହିଥିବା ନେଇ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଯୁବକ ଯୁବତୀ ଉପସ୍ଥିତ ରହିଥିବା ବେଳେ ମିଶନ ଶକ୍ତି ଅଧୀନରେ କାର୍ଯ୍ୟ କରିଥିବା ମହିଳା କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ପ୍ରଚାର ପ୍ରସାର ଅଭାବରୁ ଅନେକ ଶିକ୍ଷିତ ଯୁବକ ଯୁବତୀମାନେ ପରାମର୍ଶ ଶିବିର ଆୟୋଜନ ବିଷୟରେ ଅବଗତ ନ ଥିବା ନେଇ ଅଭିଯୋଗ ହୋଇଛି।

# ଆତ୍ମାହୁତି କରିବାକୁ ବାଧ କରୁଥିବା ଭିଡିଓ ଭାଇରାଲ

**କର୍ଲାମୁଣ୍ଡା,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ଟକାରୁମାଲ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ପରିଚାଳନା କମିଟି ସଭାପତି ଗିରିଧାରୀ ମାଝି ଗେଟ୍‌ରେ ତାଲା ପକାଇ ଗୁରୁବାର ଧାରଣା ଦେଇଥିଲେ। କୌଣସି କାମରେ ଯାଉଥିବା ବିଡିଓ ସୂଚରିତା ମୁଗ୍ରୀ ସେଠାରେ ପହଞ୍ଚିଥିଲେ। ବିଡିଓଙ୍କ ଉପସ୍ଥିତିରେ ଶିକ୍ଷକ ନିଯୁକ୍ତି ନ ଦେଲେ ଆତ୍ମାହୁତି କରିବି ବୋଲି କହିବା ପରେ ବିଡିଓ ଗିରିଧାରୀଙ୍କୁ ଆତ୍ମାହୁତି ଦେଇ ମରିବାକୁ ବାରମ୍ବାର କହିଥିଲେ। ଏହାର ଏକ ଭିଡିଓ ଏବେ ଭାଇରଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୬୮ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୪ଜଣ ଶିକ୍ଷକ ରହିଛନ୍ତି। ଫଳରେ ପାଠପଢାରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ଜିଲାପାଳଙ୍କ ଯୁଗ୍ମଜନଶୁଣାଣି ଶିବିରରେ କମିଟି ଶିକ୍ଷକ ନିଯୁକ୍ତି ନେଇ ଅଭିଯୋଗ କରିଥିଲା। ଶିକ୍ଷକ ନିଯୁକ୍ତି ନ ହେବାରୁ କମିଟି ସଭାପତି ଗିରିଧାରୀ ଗୁରୁବାର ସକାଳ ସାଢ଼େ ୯ଟାରେ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ସେହି ରାସ୍ତା ଦେଇ ବିଡିଓ କୌଣସି କାମରେ ଯାଉଥିବା ବେଳେ ଗେଟ ସମ୍ମୁଖରେରେ ପିଲାମାନେ ରୁଣ୍ଡ ହୋଇଥିବା ଦେଖି ଅଟକି ଥିଲେ। ବିଡିଓ ସେଠାକୁ ଆସି ସଭାପତିଙ୍କ ସହିତ ଉକ୍ତ ବିଷୟ ନେଇ ଆଲୋଚନା ବେଳେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶିକ୍ଷକ ନିଯୁକ୍ତି ନ ହେଲେ ଆତ୍ମାହୁତି ଦେଇ ମରିବି ବୋଲି ସଭାପତି ଗିରିଧାରୀ କହିବା ପରେ ବିଡିଓ ତାଙ୍କୁ ଆତ୍ମାହୁତି ହୋଇ ମରିବାକୁ ବାରମ୍ବାର କହୁଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବିଡିଓଙ୍କ ଅଭିଯୋଗ ଆଧାରରେ କର୍ଲାମୁଣ୍ଡା ପୋଲିସ ମାଝିଙ୍କୁ ଫାଣ୍ଡିରେ ଦୀର୍ଘ ୪ ଘଣ୍ଟା ରଖିବା ପରେ ସନ୍ଧ୍ୟାରେ ମ. ରାମପୁର ଥାନାକୁ ନେଇଥିବା ଜଣାପଡିଛି। ଏ ନେଇ ବିଡିଓ ସୂଚରିତା ମୁଗ୍ରୀଙ୍କୁ ପଚାରିବାରୁ ଗିରିଧାରୀ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ପୋଲିସର ଦୃଷ୍ଟି ଆକର୍ଷଣ କରିଛି ବୋଲି କହିଛନ୍ତି। ଭିଡିଓ ଭାଇରାଲ ସମ୍ପର୍କରେ ମୁଁ ଜାଣି ନାହିଁ ବୋଲି ବିଡିଓ କହିଛନ୍ତି।



ଧାରଣାସ୍ଥଳରେ ବିଡିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଟକାରୁମାଲ ବିଦ୍ୟାଳୟ**

- ଶିକ୍ଷକ ନିଯୁକ୍ତି ଦାବିରେ ପରିଚାଳନା କମିଟି ସଭାପତିଙ୍କ ସହ ବିଡିଓଙ୍କ କଥା କଥାକଟି

# ଜିଲାପାଳ, ରାଜ୍ୟ ଶ୍ରମ କମିଶନରଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର ଘଟଣା**

**ଭବାନୀପାଟଣା,୨୩।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଗୋଡଭଞ୍ଜା ସବଷ୍ଟେଶନରେ ୨୦୨୨ ଡିସେମ୍ବରରେ କାମ କରୁଥିବା ସମୟରେ ବିଦ୍ୟୁତ ଆଘାତରେ ଜୁନାଗଡ ବ୍ଲକ ବଣିଜରା ପଞ୍ଚାୟତ ବାରବେଶାଲ ଗ୍ରାମର କଳ୍ପେଶ୍ୱର ବେମାଲ ଗୁରୁତର ହୋଇଥିଲେ। ଏହାପରେ ସେ କଟକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଆଘାତ ଯୋଗୁ ତାଙ୍କ ଗୋଟିଏ ଗୋଡ କଟାଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟ ଓ କ୍ଷତିପୂରଣ ବାବଦରେ କଳାହାଣ୍ଡି ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)। ଘଟଣା ସମ୍ପର୍କରେ ଖବର ପ୍ରକାଶ ପରେ କଳାହାଣ୍ଡି ଜିଲା ଭବାନୀପାଟଣା ମାନବଧିକାର କର୍ମୀ ଦିଲୀପ କୁମାର ଦାସଙ୍କ ପକ୍ଷରୁ ଏକ ଆଗତ ମାମଲା (ନଂ.୩୦୭/୨୩) ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ଗତ ୨୦ ଫେବୃୟାରୀରେ କଳାହାଣ୍ଡି ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଘଟଣା ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ସେ ଉଭୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ଏଣ୍ଟର ପ୍ରାଇଜେସ ଓ ଟାଟା ପାୱାର (ଟିପିଡବ୍ଲୁଓଡିଏଲ) ପକ୍ଷରୁ କୌଣସି କ୍ଷତିପୂରଣ ଦିଆଯାଇ ନ ଥିବା ଓ ଘଟଣାରେ କେଉଁ କେଉଁ ପଦକ୍ଷେପ ନିଆଯାଇଛି ତାହା ଦର୍ଶାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ମଧ ନୋଟିସର ଏକ ନକଲ ପଠାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ରିର୍ପୋଟ ଦାଖଲ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଏଚ୍‌ଆର୍‌ସି।

# ଇଲେକ୍ଟ୍ରୋନିକ୍ସ ଦୋକାନରେ ଜିଏସ୍‌ଟି ଚଢ଼ାଉ

**ଧର୍ମଗଡ଼,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ସହର ଚାରିଛକସ୍ଥିତ ଏକ ଇଲେକ୍ଟ୍ରୋନିକ୍ସ ଦୋକାନରେ ଟିକସ କର ଫାଙ୍କି ଅଭିଯୋଗରେ ଗୁରୁବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଆଧାରରେ ଏହି ଚଢଉ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗକୁ ଭିତ୍ତି କରି ଜିଏସଟି କମିଶନଙ୍କ ନିର୍ଦ୍ଦେଶକ୍ରମେ ଜିଏସଟି ବିଭାଗ ପକ୍ଷରୁ ମଧ୍ୟହ୍ନ ୧୨ଟାରୁ ଚଢ଼ାଉ ଜାରି ରହିଥିଲା। ଅଧିକାରୀମାନେ ଦୋକାନର ଚିକିନିଖି ହିସାବ ସହ ତା'ର ବିଭିନ୍ନ ଟ୍ରାନ୍ସଜେକ୍ସନ ନେଇ ଖୋଳତାଡ଼ କରିବା ସହ କିଛି ରସିଦ ବହି ସାଙ୍ଗରେ ନେଇଥିବା ଜଣାପଡିଛି। ଆସନ୍ତା ୪ ତାରିଖରେ ଉକ୍ତ ଇଲେକ୍ଟ୍ରୋନିକ୍ସ ମାଲିକଙ୍କୁ ନିଜ ପକ୍ଷ ରଖିବାକୁ ଡକାଯାଇଥିବା ଜିଏସଟି ଡେପୁଟି କମିଶନର ତଥା ଜିଏସଟି ଏନ୍‌ଫୋର୍ସମେଣ୍ଟ ସମୀର କୁମାର ମାଝି ପ୍ରକାଶ କରିଛନ୍ତି। କେତେ ପରିମାଣର ଟିକସ ଫାଙ୍କି ହୋଇଛି ସେ ନେଇ ମାଝି ସ୍ପଷ୍ଟ କରି ନାହାନ୍ତି। ଚଢ଼ାଉରେ ସିଟିଓ ପ୍ରବୀଣ କୁମାର ବର୍ଗଓ, ସିଟିଓ ପାରେଶର ସାହୁ, ଅତିରିକ୍ତ ସିଟିଓ ଶ୍ରୀକାନ୍ତ କୁମାର ପଣ୍ଡା,ଏଏସଟିଓ ଟଙ୍କଧର ସାହୁ, ଏଏସଟିଓ ସୁଧାଂଶୁ ଶେଖର ବେହେରା ଏବଂ ଏଏସଟିଓ ଧରଣୀଧର ବେହେରା ପ୍ରମୁଖ ସାମିଲ ଥିଲେ।

# ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରାଯାଉ

**ଖଡ଼ିଆଳ,୨୩।୨(ଡି.ଏନ.ଏ.)**

କେନ୍ଦ୍ର ସରକାର ପ୍ରତେକ ଗ୍ରାମକୁ ପକ୍କା ରାସ୍ତା ଯୋଗାଇବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କରିଛନ୍ତି। ହେଲେ ଏଯାଏଁ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗଡରମୁଣ୍ଡା ପଞ୍ଚାୟତ ସାଗୁନଡ଼ଙ୍ଗରି ଗ୍ରାମ ରାସ୍ତାକୁ କେନ୍ଦ୍ର ସରକାରଙ୍କ ଏହି ଯୋଜନାରେ ସାମିଲ କରାଯାନିହିଁ। ଫଳରେ ରାସ୍ତା ଅବସ୍ଥା ବର୍ତ୍ତମାନ ଶୋଚନୀୟ ଅବସ୍ଥାରେ ପଡ଼ି ରହିଥିବା ବେଳେ ଏହି ରାସ୍ତା ଦେଇ ଅନେକ ଛାତ୍ରୀଛାତ୍ର ତଥା ଗ୍ରାମବାସୀ ଯିବା ଆସିବା କରୁଥିବା ବେଳେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ଅନେକ ସ୍ଥାନରେ ଖାଲଢିପ ହୋଇ ପଡ଼ି ରହିଥିବାବେଳେ ବର୍ଷ ବର୍ଷ ଧରି ଏହି ରାସ୍ତା ମରାମତି ହୋଇନାହିଁ। ଫଳରେ ଅନେକ ସ୍ଥାନରେ ପଥର ବାହାରି ଥିବାରୁ ଯାତାୟାତ ପାଇଁ ଅନେକ ଅସୁବିଧା ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗ୍ରାମ ୩୫୩ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବା ସହ ୫ଟି ପଞ୍ଚାୟତକୁ ଯୋଗାଯୋଗ କରୁଛି। ଫଳରେ ଅନେକ ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରି ଯାତାୟାତ କରିଥାନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହି ସଡକକୁ ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବାକୁ ସାଗୁନଡଙ୍ଗରି ଗ୍ରାମବାସୀ ଦାବି କରିଛନ୍ତି।



ସାଗୁନଡୁଙ୍ଗରି ଗ୍ରାମ ରାସ୍ତା ଶୋଚନୀୟ ହୋଇପଡ଼ିଛି।

**ସାଗୁନଡୁଙ୍ଗରି ଗ୍ରାମ ରାସ୍ତା**

# ପ୍ରଧାନମନ୍ତ୍ରୀ, ଆଦାନୀ ଗ୍ରୁପ୍ ଉପରେ ବର୍ଷିଲା କଂଗ୍ରେସ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ନୂଆପଡ଼ା ଅଫିସ,୨୩।୨**

ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ କରିବା ପରେ ସାରା ଦେଶରେ ରାଜନୀତି ଜୋରଧରିଛି। ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାଠାରୁ ବ୍ୟବସାୟୀ ଗୌତମ ଆଦାନୀଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଆସୁଛନ୍ତି ବୋଲି ନୂଆପଡା ଜିଲା କଂଗ୍ରେସ କମିଟି ଜିଲା ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଗୁରୁବାର ଜିଲା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଆଦାନୀ ଗ୍ରୁପ ୯ବର୍ଷ ମଧ୍ୟରେ ବିଶ୍ୱର ୩ ନମ୍ବର ଧନୀ ତାଲିକାରେ ରହିଛନ୍ତି। ବନ୍ଦର, ଜାତୀୟ ରାଜପଥ, ବିମାନ ବନ୍ଦର, ତାପଜଶକ୍ତି, ବିଦ୍ୟୁତ ଉତ୍ପାଦନ, ଶକ୍ତି ଉତ୍ପାଦନ, ସାମରିକ ଯନ୍ତ୍ରାଂଶ, ଖାଦ୍ୟଦ୍ରବ୍ୟ ଇତ୍ୟାଦି ପ୍ରଧାନମନ୍ତ୍ରୀ ବିଭିନ୍ନ ରାଷ୍ଟ୍ରାୟାତ ଉଦ୍ୟୋଗଗୁଡିକୁ କ୍ଷତି ଦର୍ଶାଇ ଆଦାନୀ ଗୃପକୁ ଶାଗମାଛ ଦରରେ ଟେକି ଦେଇଛନ୍ତି ବୋଲି ଜିଲା କଂଗ୍ରେସ କମିଟି ଖବରଦାତା ସମ୍ମିଳନୀ ଜରିଆରେ ଅଭିଯୋଗ କରିଛନ୍ତି।

# ନକ୍‌ଆଉଟ କ୍ରିକେଟ: ଲଡୁଗାଁ ଚାମ୍ପିୟନ

**କୋକସରା,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ମିନିଷ୍ଟାଡିୟମରେ ଚାଲିଥିବା ଲଡୁଗାଁ ନକ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ଯୋଗଦେଇ ଗ୍ରାମାଞ୍ଚଳରେ ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହନ ମିଳିଲେ ହିଁ ସେମାନେ ଆଗକୁ ବଢ଼ିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲଡୁଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ଦୁଷ୍ମନ୍ତ ବାଗ ପ୍ରମୁଖ ଯୋଗଦେଇଥିଲେ। ଫାଇନାଲ ଖେଳର ଉଭୟ ଲଡୁଗାଁ ଓ କପୁରମାଲ ଦଳର ଖେଳାଳିଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ। ଫାଇନାଲ ଖେଳରେ କପୁରମାଲ ଦଳକୁ ହରାଇ ଲଡୁଗାଁ କ୍ରିକେଟ ଟିମ ମ୍ୟାଚ ଚାମ୍ପିୟନ ହୋଇଛି। ଉଭୟ ବିଜେତା ଓ ଉପ ବିଜେତା ଦଳକୁ ଉପସ୍ଥିତ ଅତିଥିମାନେ ଟ୍ରଫି ସହ ପୁରସ୍କୃତ କରିଥିଲେ। ଫାଇନାଲ ଖେଳ ଅମ୍ପିୟାର ପ୍ରେମ କୁମାର ବାଗ ଓ ଅଜିତ କୁମାର ଠାକୁର, ସ୍କୋର ବୋର୍ଡରେ ଆଶିଷ ଲିଓ ଓ ନାଥ ସିଂ ସହଯୋଗ କରିଥିଲେ। ଫାଇନାଲ ଖେଳ ଉପଭୋଗ କରିବାକୁ ଶତାଧିକ କ୍ରୀଡା ପ୍ରେମୀ ଉପସ୍ଥିତ ରହିଥିଲେ।



ବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ଓସିଏ ଭିଜନ୍-୨୪ କ୍ରିକେଟ: କେଡିସିଏ ଚାମ୍ପିୟନ

**ଭବାନୀପାଟଣା,୨୩।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଭବାନୀପାଟଣା ଲାଲବାହାଦୂର ଷ୍ଟାଡିୟମରେ ୨୧ ଦିନ ଧରି ଚାଲିଥିବା ଓସିଏ ଭିଜନ-୨୪ସିନିୟର ମେନ୍ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଭବାନୀପାଟଣା କେଡିସିଏ ଓ ଭବାନୀପାଟଣା ମୋନାର୍କ କ୍ଲବ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କେଡିସିଏ ଚାମ୍ପିୟନ ହୋଇଥିଲା। କେଡିସିଏ ପ୍ରଥମେ ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ୪୬.୧ ଓଭରରେ ସମସ୍ତ ଉଇକେଟ ହରାଇ ୩୩୬ ରନ ସଂଗ୍ରହ କରିଥିଲା। ମୋନାର୍କ ୩୯.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୧୭ରନ କରି ପରାଜିତ ହୋଇଥିଲା। କେଡିସିଏ ୧୧୯ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। କେଡିସିଏର ରୋନକ ବାଣୁଆଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳକୁ ତେଜେଶ୍ୱର ଆଚାରି, ତେଜେନ କୁମାର ଦୁର୍ଗା ପରିଚାଳନା କରିଥିଲେ। ସାକ୍ଷୀ ଗୋପାଳ ପଣ୍ଡା ଓ ସତ୍ୟ ବୀର ସିଂ ସ୍କୋର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀରେ ଅତିଥି ଭାବେ ଓଡିଶା ଅଲମ୍ପିକ ଆସୋସିଏଶନ ସଭାପତି ଜଗମୋହନ ପଟ୍ଟନାୟକ ଓ କେନ୍ଦ୍ର ସମବାୟ ସମିତି ସଭାପତି ଗିରିଶ ଚନ୍ଦ୍ର ବେହେରା ଉଭୟ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ମିଳିତ ଭାବେ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଯୁଗ୍ମ ସମ୍ପାଦକ ସୁନୀଲ କୁମାର ବେହେରା ଓ କ୍ରିକେଟ ସମ୍ପାଦକ ସର୍ଦ୍ଦାରସନ୍ତ ସିଂ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, ଭିକାରୀ ଚରଣ ମିଶ୍ର, ଶମ୍ଭୁ ପ୍ରସାଦ ରାଉତ, ସୁବାଷ ପଣ୍ଡା, ସର୍ଦ୍ଦାର ନିର୍ମଳ ସିଂ, ପଙ୍କଜ କୁମାର ପଟ୍ଟନାୟକ, ବିପିନ ମିଶ୍ର, ଧିରେନ୍ଦ୍ର ପଟ୍ଟନାୟକ, ଚକ୍ରଧର ସେଠି, ଭବାନୀ ଶଙ୍କର ପଟ୍ଟନାୟକ, ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଉଭୟ ଦଳର ଖେଳିଳାଙ୍କ ସହ ଅତିଥିଗଣ।

## ସଂକ୍ଷେପରେ

### ବିକାଶ କଲେଜରେ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଭବାନୀପାଟଣା,୨୩।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ବାନ୍ଦୋପଲାସ୍ଥିତ ବିକାଶ କଲେଜର ୱେସଡ୍ରମ ପାର୍କ ପରିସରରେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ବିଦ୍ୟାର୍ଥୀଙ୍କ ବିଦାୟ କାଳୀନ ସମ୍ବାର୍ଦ୍ଧନା (ଲହ୍ନେ) ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିକାଶର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଡି. ନାଗେଶର ରାଓ, ଅନ୍ୟତମ ଅତିଥି ଭାବେ ଆର୍. ଅସ ଏସ ଭି କ୍ରିଷ୍ଣା, ନିର୍ଦ୍ଦେଶକ ଡି. ରାମ, ଅନ୍ୟତମ ନିର୍ଦ୍ଦେଶକ ଡି. ଶ୍ୟାମ, ଏକାଡେମୀକ ଇନ୍‌ଚାର୍ଜ ଡି. ବିଜୟା, ବିକାଶ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଯୁବରାଜ ନାୟକ ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ଉତ୍ସବରେ ଉଜ୍ଜଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ଶୁଭ କାମନା ଓ ମାର୍ଗ ଦର୍ଶନ କରିଥିଲେ। ସୁଶ୍ରୀ ଆରତୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ଦ୍ୱିତିୟ ବର୍ଷର ଛାତ୍ରୀଛାତ୍ରମାନେ କଲେଜରେ ବିତାଇ ଥିବା ୨ ବର୍ଷର ଅନୁଭୂତି ପ୍ରକାଶ କରି ନବାଗତ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଆମ ହସ୍ପିଟାଲ ଯୋଜନାରେ ବୌଦ୍ଧ ଜିଲାର ୨ ଡାକ୍ତରଖାନା ସାମିଲ

**ବୌଦ୍ଧ,୨୩।୨(ସ୍ୱ.ପ୍ର.):** ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ୫-ଟି ଅଧୀନରେ ଆମ ହସ୍ପିଟାଲ ଯୋଜନାରେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୪୭ଟି ଡାକ୍ତରଖାନାକୁ ସାମିଲ କରାଯାଇଛି। ଏହି ଯୋଜନାରେ ବୌଦ୍ଧ ଜିଲାର ଦୁଇଟି ଡାକ୍ତରଖାନାକୁ ସାମିଲ କରାଯାଇଛି। ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଣ୍ଟାମାଳ ଡାକ୍ତରଖାନାକୁ ଏହି ଯୋଜନାରେ ସାମିଲ କରାଯାଇଥିବା ଜଣାପଡିଛି। ଏହାଫଳରେ ଜିଲାରେ ସ୍ୱାସ୍ଥ୍ୟସେବା ଅଧିକ ତ୍ୱରାନ୍ୱିତ ହୋଇପାରିବ ଓ ଭିତ୍ତିଭୂମି ସୁଦୃଢ ହେବ ବୋଲି ଆଶା କରାଯାଉଛି।

# ପୋଡ଼ିଗଲା ଅର୍ବାନ ପ୍ଲାଣ୍ଟ

■ବନ ବିଭାଗର ଅବହେଳା, ଲକ୍ଷାଧିକ ଟଙ୍କାର ଗଛ ନଷ୍ଟ
■ଫଟୋ ଭାଇରାଲ କରିବାରୁ ମାଡ଼ ମାରିବା ଅଭିଯୋଗ
■ରେଞ୍ଜରଙ୍କ ନାମରେ ଥାନାରେ ଏତଲା




**ଲାଞ୍ଜିଗଡ଼,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳ ଅଧୀନରେ ଥିବା ମୂଷାନାଳ ସେକ୍ସନ ମୂଷାନାଳ ନିକଟସ୍ଥ ପାତର ଡଙ୍ଗର ରେତ ନଦୀ କୂଳରେ ମୂଷା ନାଳ ବନ ବିଭାଗ ଦାରା ୨୦୧୯-୨୦ରେ ପ୍ରାୟ ୭ ଏକର ଜମିରେ ଏକ ଅର୍ବାନ ପ୍ଲାଣ୍ଟ ପ୍ରସ୍ତୁତ କରାଯାଇଥିଲା। ଏଥିରେ ୧୦ ହଜାର ଗଛ କାଜୁ, ନିମ୍ବ, ତେନ୍ତୁଳି, ଆମ୍ବ, ପଣସ, ଶିଶୁଆ ଆଦି ମୂଲ୍ୟବାନ ଗଛ ଲଗାଯାଇଥିବା ବେଳେ ବୁଧବାର ନିଆଁ ଲାଗି ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ଗଛ ପୋଡି ନଷ୍ଟ ହୋଇଯାଇଛି। ମୂଷାନାଳ ବନ ବିଭାଗ ଅଧୀନରେ ଥିବା ଏହି ଅର୍ବାନ ପ୍ଲାଣ୍ଟରେ ଉଦ୍ଭୁଜ ଲାଲ ହରିଜନ ଜଗୁଆଳି ଦାୟିତ୍ୱରେ ରହିଥିବା ବେଳେ ସେ ୩ ମାସ ହେଲା ଦରମା ନ ପାଇବା ଯୋଗୁ ଆଉ ଦେଖାରେଖା କରୁନାହାନ୍ତି। ବର୍ତ୍ତମାନ ଏହି ଅର୍ବାନ ପ୍ଲାଣ୍ଟ ତାର ବାଡ଼ା ଭିତରେ ତଥା ପ୍ଲାଣ୍ଟ ବାହାରେ ବହୁ ଅନାବନା ଗଛ ଲାଗି ରହିଥିବା ବେଳେ ବହୁଦିନ ଧରି ଏହାକୁ ସଫାସୁତୁରା କରାଯାଉନାହିଁ। ନିକଟସ୍ଥ ଜଙ୍ଗଲରୁ ନିଆଁ ଆସି ପ୍ଲାଣ୍ଟରେ ଲାଗି ଯାଇଥିଲା। ବନ ବିଭାଗ ଅନୁପସ୍ଥିତ ଓ ଅବହେଳା ଯୋଗୁ ପୂର୍ବରୁ ଫାୟାର ଲାଇନ କଟା ଯାଇ ନ ଥିଲା। ଫଳରେ ପ୍ଲାଣ୍ଟ ଚାରି ପାର୍ଶ୍ୱରେ ଶୁଖିଲା ପତ୍ର ପଡି ରହିଥିବା ଯୋଗୁ ସହଜରେ ନିଆଁ ଲାଗି ହଜାର ହଜାର ମୂଲ୍ୟବାନ ଗଛ ପୋଡି ପାଉଁଶ ହୋଇଯାଇଛି। ଖବର ପାଇ ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୂଷାନାଳ ଫରେଷ୍ଟର ଚିନ୍ତା ମାଝି ଓ ରେଞ୍ଜର ନରୋତ୍ତମ ମାଝି ରହିଥିବା ଜଗୁଆଳି ଉଦ୍ଭୁଜ ଲାଲଙ୍କୁ ଫଟୋ କାହିଁକି ଭାଇରାଲ କରିଲେ ବୋଲି ମାଡ଼ ମାରିଥିଲେ। ଏ ନେଇ ସେ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଦଫା ୩୪୧, ୨୯୪, ୩୨୩ ଏକ ମାମଲା (ନଂ. ୨୦/୨୩) ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ରେଞ୍ଜର ନରୋତ୍ତମ ମାଝିଙ୍କୁ ପଚାରିବାରୁ ଏହା ମିଥ୍ୟାକଥା, ମୁଁ ତାଙ୍କୁ ଡାକି ପଚାରିବାରୁ ସେ ଏଭଳି ବାଢ଼େଇବା କଥା କହୁଛନ୍ତି ବୋଲି ସେ କହିଛନ୍ତି।

# ଆତ୍ମାହୁତି କରିବାକୁ ବାଧ୍ୟ କରୁଥିବା ଭିଡିଓ ଭାଇରାଲ



ଧାରଣାସ୍ଥଳରେ ବିଡିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

**କର୍ଲାମୁଣ୍ଡା,୨୩।୨(ଡି.ଏନ.ଏ.)**

**ଟକାରୁମାଲ ବିଦ୍ୟାଳୟ**
■ଶିକ୍ଷକ ନିଯୁକ୍ତି ଦାବିରେ ପରିଚାଳନା କମିଟି ସଭାପତିଙ୍କ ସହ ବିଡିଓଙ୍କ କଥା କଥାକଟି

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ ଟକାରୁମାଲ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ପରିଚାଳନା କମିଟି ସଭାପତି ଗିରିଧାରୀ ମାଝି ଗେଟ୍‌ରେ ତାଲା ପକାଇ ଗୁରୁବାର ଧାରଣା ଦେଇଥିଲେ। କୌଣସି କାମରେ ଯାଉଥିବା ବିଡିଓ ସୁଚରିତା ମୁଗ୍ରୀ ସେଠାରେ ପହଞ୍ଚିଥିଲେ। ବିଡିଓଙ୍କ ଉପସ୍ଥିତିରେ ଶିକ୍ଷକ ନିଯୁକ୍ତି ନ ଦେଲେ ଆତ୍ମାହୁତି କରିବି ବୋଲି କହିବା ପରେ ବିଡିଓ ଗିରିଧାରୀଙ୍କୁ ଆତ୍ମାହୁତି ଦେଇ ମରିବାକୁ ବାରମ୍ବାର କହିଥିଲେ। ଏହାର ଏକ ଭିଡିଓ ଏବେ ଭାଇରଲ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୬୮ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୪ଜଣ ଶିକ୍ଷକ ରହିଛନ୍ତି। ଫଳରେ ପାଠପଢାରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ଜିଲାପାଳଙ୍କ ଯୁଗ୍ମଜନଶୁଣାଣି ଶିବିରରେ କମିଟି ଶିକ୍ଷକ ନିଯୁକ୍ତି ନେଇ ଅଭିଯୋଗ କରିଥିଲା। ଶିକ୍ଷକ ନିଯୁକ୍ତି ନ ହେବାରୁ କମିଟି ସଭାପତି ଗିରିଧାରୀ ଗୁରୁବାର ସକାଳ ସାଢ଼େ ୯ଟାରେ ସ୍କୁଲ ଗେଟରେ ତାଲା ପକାଇ ଧାରଣା ଦେଇଥିଲେ। ସେହି ରାସ୍ତା ଦେଇ ବିଡିଓ କୌଣସି କାମରେ ଯାଉଥିବା ବେଳେ ଗେଟ ସମ୍ମୁଖରେରେ ପିଲାମାନେ ରୁଣ୍ଡ ହୋଇଥିବା ଦେଖି ଅଟକି ଥିଲେ। ବିଡିଓ ସେଠାକୁ ଆସି ସଭାପତିଙ୍କ ସହିତ ଉକ୍ତ ବିଷୟ ନେଇ ଆଲୋଚନା ବେଳେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଶିକ୍ଷକ ନିଯୁକ୍ତି ନ ହେଲେ ଆତ୍ମାହୁତି ଦେଇ ମରିବି ବୋଲି ସଭାପତି ଗିରିଧାରୀ କହିବା ପରେ ବିଡିଓ ତାଙ୍କୁ ଆତ୍ମାହୁତି ହୋଇ ମରିବାକୁ ବାରମ୍ବାର କହୁଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବିଡିଓଙ୍କ ଅଭିଯୋଗ ଆଧାରରେ କର୍ଲାମୁଣ୍ଡା ପୋଲିସ ମାଝିଙ୍କୁ ଫାଣ୍ଡିରେ ଦୀର୍ଘ ୪ ଘଣ୍ଟା ରଖିବା ପରେ ସନ୍ଧ୍ୟାରେ ମ. ରାମପୁର ଥାନାକୁ ନେଇଥିବା ଜଣାପଡିଛି। ଏ ନେଇ ବିଡିଓ ସୁଚରିତା ମୁଗ୍ରୀଙ୍କୁ ପଚାରିବାରୁ ଗିରିଧାରୀ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାରୁ ପୋଲିସର ଦୃଷ୍ଟି ଆକର୍ଷଣ କରିଛି ବୋଲି କହିଛନ୍ତି। ଭିଡିଓ ଭାଇରାଲ ସମ୍ପର୍କରେ ମୁଁ ଜାଣି ନାହିଁ ବୋଲି ବିଡିଓ କହିଛନ୍ତି।

# ମାର୍ଚ୍ଚରେ କଂଗ୍ରେସ ପକ୍ଷରୁ ହେବ ବିକ୍ଷୋଭ, ଘେରାଉ




କଂଗ୍ରେସର ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଓ ଅନ୍ୟମାନେ।

**ବୌଦ୍ଧ,୨୩।୨(ସ୍ୱ.ପ୍ର.)**

**ବୌଦ୍ଧରେ କଂଗ୍ରେସର ଖବରଦାତା ସମ୍ମିଳନୀ**

ସଂପ୍ରତି ଦେଶରେ ଘୋଟାଲା ସରକାର ଚାଲିଛି। ବିଭିନ୍ନ କମ୍ପାନୀ ଜରିଆରେ ଦେଶର କୋଟି କୋଟି ଟଙ୍କା ଲୁଟ କରାଯାଇଛି। ଲୁଟ କମ୍ପାନୀଗୁଡିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ କେନ୍ଦ୍ର ସରକାର ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଜିଲା କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିସହିତ ଏହାର ପ୍ରତିବାଦରେ ଆସନ୍ତା ମାର୍ଚ୍ଚ ମାସରେ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାର ବିରୋଧରେ ଘେରାଉ କାର୍ଯ୍ୟକ୍ରମ କରାଯିବ ବୋଲି ଗୁରୁବାର ଦିନ ଏକ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ବୌଦ୍ଧ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ କେନ୍ଦ୍ରର କମ୍ପାନୀ ପ୍ରୀତି ଯୋଗୁ ଦେଶବାସୀ ଲୁଟର ଶିକାର ହେଉଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁସ୍ଥ ରାଜନୀତିକୁ ଜଳାଞ୍ଜଳି ଦେଇ କେନ୍ଦ୍ର ସରକାର ବିରୋଧୀ ଦଳର ନେତାମାନଙ୍କ ବିରୋଧରେ ଇଡି, ସିବିଆଇ ଭଳି ସଂସ୍ଥା ଦ୍ୱାରା ତଦନ୍ତ ନାମରେ ଭୟଭୀତ କରୁଥିବା ବେଳେ ଦେଶର ଲୋକଙ୍କ ଅର୍ଥ ହଡପ କରିଥିବା ଏବଂ ବ୍ୟାଙ୍କଗୁଡିକରୁ କୋଟି କୋଟି ଟଙ୍କାର ଋଣ ନେଇଥିବା କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପଛଘୁଞ୍ଚା ଦେଉଥିବା ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ଜିଲାସ୍ତରରେ ବିକ୍ଷୋଭ ପ୍ରଦର୍ଶନ କରାଯିବ । ମାର୍ଚ୍ଚ ୧୩ ତାରିଖରେ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲାର ବହୁ ସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ସାମିଲ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଦଳୀୟ ଜିଲା ପର୍ଯ୍ୟବେକ୍ଷକ ଭାବେ ଯୁବନେତା ଜିତେନ ପଟ୍ଟନାୟକ ,କଣ୍ଟାମାଳ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ସାହୁ, ଦଳୀୟ ମୁଖପାତ୍ର ଶାନ୍ତନୁ କୁମାର ମହାପାତ୍ର, ଉପସଭାପତି ସମରେଶ ମିଶ୍ରଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲାପାଳ, ରାଜ୍ୟ ଶ୍ରମ କମିଶନରଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର ଘଟଣା**

**ଭବାନୀପାଟଣା,୨୩।୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଗୋଡଭଞ୍ଜା ସବଷ୍ଟେଶନରେ ୨୦୨୨ ଡିସେମ୍ବରରେ କାମ କରୁଥିବା ସମୟରେ ବିଦ୍ୟୁତ ଆଘାତରେ ଜୁନାଗଡ ବ୍ଲକ ବର୍ଣଜରା ପଞ୍ଚାୟତ ବାରବେଶାଲ ଗ୍ରାମର କଳ୍ପେଶ୍ୱର ବେମାଲ ଗୁରୁତର ହୋଇଥିଲେ। ଏହାପରେ ସେ କଟକ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଆଘାତ ଯୋଗୁ ତାଙ୍କ ଗୋଟିଏ ଗୋଡ କଟାଯାଇଛି। ତେବେ ତାଙ୍କ ସ୍ୱାସ୍ଥ୍ୟ ଓ କ୍ଷତିପୂରଣ ବାବଦରେ କଳାହାଣ୍ଡି ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)। ଘଟଣା ସମ୍ପର୍କରେ ଖବର ପ୍ରକାଶ ପରେ କଳାହାଣ୍ଡି ଜିଲା ଭବାନୀପାଟଣା ମାନବଧିକାର କର୍ମୀ ଦିଲିପ କୁମାର ଦାସଙ୍କ ପକ୍ଷରୁ ଏକ ଆଗତ ମାମଲା (ନଂ.୩୦୭/୨୩) ଶୁଣାଣି କରି ଏନ୍‌ଏଚ୍‌ଆର୍‌ସି ଗତ ୨୦ ଫେବୃୟାରୀରେ କଳାହାଣ୍ଡି ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଘଟଣା ସମ୍ପର୍କରେ ରିପୋର୍ଟ ଦାଖଲ କରିବାକୁ ସେ ଉଭୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଡିଶା ଏଣ୍ଟର ପ୍ରାଇଜେସ ଓ ଟାଟା ପାୱାର (ଟିପିଡବ୍ଲୁଓଡିଏଲ) ପକ୍ଷରୁ କୌଣସି କ୍ଷତିପୂରଣ ଦିଆଯାଇ ନ ଥିବା ଓ ଘଟଣାରେ କେଉଁ କେଉଁ ପଦକ୍ଷେପ ନିଆଯାଇଛି ତାହା ଦର୍ଶାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଓଡିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ମଧ ନୋଟିସର ଏକ ନକଲ ପଠାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ରିର୍ପୋଟ ଦାଖଲ ପ୍ରକ୍ରିୟାକୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏନ୍‌ଏଚ୍‌ଆର୍‌ସି।

# ୬୧ ବର୍ଷ ପରେ ଖୋଲିଲା ପିଜି

**ବଲାଙ୍ଗୀର ଅଫିସ, ୨୩।୨**

**ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ**
■ଖୋଲିଲା ଓଡିଆ, ଇତିହାସ, ସଂସ୍କୃତ ବିଷୟରେ ପିଜି

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ନାତକୋତ୍ତର (ପିଜି) ବିଭାଗ ଖୋଲିଛି। ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଘୋଷଣା କରାଯାଇଛି। ସରକାରୀ ବିଭାଗୀୟ ଚିଠି ସଂଖ୍ୟା ୭୭୭୬/ଏଚ୍‌ଇ/୨୨/୨/୨୦୨୩ରେ ଏନେଇ ମହିଳା ମହାବିଦ୍ୟାଳୟ ଅଧକ୍ଷଙ୍କୁ ସୂଚନା ଦିଆଯାଇଛି। ତିନୋଟି ବିଷୟରେ ପିଜି ପାଠ୍ୟକ୍ରମ ଖୋଲିବାକୁ ଅନୁମତି ଦିଆଯାଇଛି। ଓଡିଆ, ଇତିହାସ ଏବଂ ସଂସ୍କୃତ ବିଷୟରେ ୩୨ଟି ଲେଖାଏ ସିଟ୍‌ରେ ପିଜି ପାଠ୍ୟକ୍ରମ ଶିକ୍ଷାବର୍ଷ ୨୦୨୩-୨୪ରୁ ଆରମ୍ଭ ହେବ। ଅଧକ୍ଷଙ୍କ ପାଖକୁ ବିଧିବଦ୍ଧ ସରକାରୀ ଚିଠି ଆସିଯିବା ପରେ କଲେଜ ଛାତ୍ରୀ, ଅଧ୍ୟାପକ ଏବଂ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। ଏହି କଲେଜରେ ପିଜି ପାଠ୍ୟକ୍ରମ ଚଳିତ ଶିକ୍ଷାବର୍ଷରୁ ଆରମ୍ଭ କରାଯିବା ପରେ ଏଠାରେ ଛାତ୍ରୀମାନେ ସ୍ନାତକୋତ୍ତର ପାଠ ପଢ଼ିପାରିବେ। ଅଧକ୍ଷ ମନୋରଞ୍ଜନ ମିଶ୍ରଙ୍କୁ ପଚରାଯିବାରୁ ଚଳିତ ଶିକ୍ଷାବର୍ଷରୁ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଓଡିଆ, ଇତିହାସ ଏବଂ ସଂସ୍କୃତ ତିନି ବିଷୟରେ ପିଜି ପାଠ ପଢ଼ା ପାଇଁ ଅନୁମତି ମିଳିଥିବା କହିଛନ୍ତି। ଦୀର୍ଘଦିନରୁ ଏହି ଦାବି ହୋଇଆସିଥିଲା। ଏବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁମତି ଦେଇଥିବାରୁ ସେ କୃତଜ୍ଞତା ଜଣାଇବା ସହ ଏହାଦ୍ୱାରା ଛାତ୍ରୀମାନେ ଉପକୃତ ହେବେ ବୋଲି କହିଛନ୍ତି।

୧୯୬୨ ମସିହାରେ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଦୀର୍ଘ ୬୧ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ ଜିଲା ମୁଖ୍ୟ ସଦର ମହକୁମାରେ ଥିବା ରାଜ୍ୟର ଅନ୍ୟତମ ପୁରୁଣା ମହିଳା ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇ ନ ଥିଲା। ଦୀର୍ଘଦିନରୁ ଏଠାରେ ପିଜି ପାଠ୍ୟକ୍ରମ ଖୋଲାଯିବାକୁ ଦାବି ହୋଇଆସୁଥିଲେ ମଧ ଉଚ୍ଚଶିକ୍ଷା ବିଭାଗ ଏହି ମହାବିଦ୍ୟାଳୟରେ ଖୋଲି ନ ଥିଲେ। ଏବେବି ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଅନେକ ବିଭାଗରେ ଅଧ୍ୟାପକ ପଦବୀ ଖାଲି ରହିଛି। ଏଦିଗରେ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଉଚିତ୍ ପଦକ୍ଷେପ ଗ୍ରହଣ କରି ତୁରନ୍ତ ପଦବୀ ପୂରଣ କରିବାକୁ ଦାବି କରାଯାଇଛି। ନାରୀ ଶିକ୍ଷା ଉପରେ ପ୍ରାଥମିକତା ଦିଆଯାଉଥିବାବେଳେ ଏଠାରେ ବିଭିନ୍ନ ବିଭାଗରେ ଅଧ୍ୟାପକ ନାହାନ୍ତି। ଅନେକ ବିଭାଗରେ ଅତିଥି ଅଧ୍ୟାପକରେ ପାଠ ପଢ଼ା ହେଉଛି। ସରକାରୀ ମହିଳା ମହାବିଦ୍ୟାଳୟ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟରେ ବିନା ଅଧ୍ୟାପକରେ ବର୍ଷ ବର୍ଷ ଧରି ପିଲାମାନେ ପାଠ ପଢୁଛନ୍ତି। ବିଜ୍ଞାନ ଭଳି ବିଷୟ କାମ ଚଳା ନୀତିରେ ଅତିଥି ଅଧ୍ୟାପକରେ ଚାଲିଛି। କଲେଜ ତରଫରୁ ବାରମ୍ବାର ଅଧ୍ୟାପକ ପଦବୀ ପୂରଣ କରିବାକୁ ଦାବି କରାଯାଉଥିଲେ ମଧ କର୍ଣ୍ଣପାତ କରାଯାଉନାହିଁ। ୬୧ ବର୍ଷ ପରେ ସ୍ନାତକୋତ୍ତର ବିଭାଗ ଖୋଲିବାକୁ ନେଇ ଛାତ୍ରୀମାନେ ଖୁସିବ୍ୟକ୍ତ କରିଛନ୍ତି। ହେଲେ ଅଧ୍ୟାପକ ପଦବୀ କେବେ ପୂରଣ ହେବ ଏବଂ ଅନ୍ୟ ବିଷୟରେ ପିଜି ଖୋଲିବାକୁ ଆଉ କେତେ ସମୟ ଲାଗିବ ତାକୁ ନେଇ କଳ୍ପଜଳ୍ପନା ପ୍ରକାଶ ପାଇଛି।

# ପ୍ରଧାନମନ୍ତ୍ରୀ, ଆଦାନୀ ଗ୍ରୁପ୍ ଉପରେ ବର୍ଷିଲା କଂଗ୍ରେସ




ଖବରଦାତା ସମ୍ମିଳନୀ।

**ନୂଆପଡ଼ା ଅଫିସ,୨୩।୨**

ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ କରିବା ପରେ ସାରା ଦେଶରେ ରାଜନୀତି ଜୋରଧରିଛି। ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାଠାରୁ ବ୍ୟବସାୟୀ ଗୌତମ ଆଦାନୀଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଆସୁଛନ୍ତି ବୋଲି ନୂଆପଡା ଜିଲା କଂଗ୍ରେସ କମିଟି ଜିଲା ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ଗୁରୁବାର ଜିଲା କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଆଦାନୀ ଗ୍ରୁପ ୯ବର୍ଷ ମଧ୍ୟରେ ବିଶ୍ୱର ୩ ନମ୍ବର ଧନୀ ତାଲିକାରେ ରହିଛନ୍ତି। ବନ୍ଦର, ଜାତୀୟ ରାଜପଥ, ବିମାନ ବନ୍ଦର, ତାପଜଶକ୍ତି, ବିଦ୍ୟୁତ ଉତ୍ପାଦନ, ଶକ୍ତି ଉତ୍ପାଦନ, ସାମରିକ ଯନ୍ତ୍ରାଂଶ, ଖାଦ୍ୟଦ୍ରବ୍ୟ ଇତ୍ୟାଦି ପ୍ରଧାନମନ୍ତ୍ରୀ ବିଭିନ୍ନ ରାଷ୍ଟ୍ରାୟାତ ଉଦ୍ୟୋଗଗୁଡିକୁ କ୍ଷତି ଦର୍ଶାଇ ଆଦାନୀ ଗୃପକୁ ଶାଗମାଛ ଦରରେ ଟେକି ଦେଇଛନ୍ତି ଜିଲା କଂଗ୍ରେସ କମିଟି ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି।

# ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିଲମ୍ବିତ

**ସୋନପୁର,୨୩।୨(ନି.ପ୍ର.)**

**ବୁଟ୍ ମାଡ଼ରେ ଛାତ୍ରୀଛାତ୍ର ଆହତ ଘଟଣା**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସାଲମାଟିକିରା ସରକାରୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ପୁରୋହିତଙ୍କ ବୁଟ୍ ମାଡରେ ଦୁଇ ଜଣ ଛାତ୍ରୀଛାତ୍ର ଗୁରୁତର ଆହତ ହୋଇଥିଲେ। ଏ ନେଇ ସମ୍ପୃକ୍ତ ଛାତ୍ରଙ୍କ ମା' ବିନିକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପରେ ଶିକ୍ଷକ ପୁରୋହିତଙ୍କୁ ଗୁରୁବାର ଚାକିରିରୁ ନିଲମ୍ବନ କରାଯାଇଛି। ବିନିକା ବ୍ଲକର ଭାରପ୍ରାପ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଗଣେଶ କିଷାନ ଚିଠି ନମ୍ବର ୪୩୫/ତା୨୩।୨।୨୦୨୩ରିଖରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

ଗତ ୧୫ ତାରିଖରେ ଏହି ଘଟଣା ଘଟିଥିଲା। ବିଦ୍ୟାଳୟରେ ପାଠ ପଢୁଥିବା ସମୟରେ ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଶିବାନୀ ସାଲମା(୭) ଓ ଛାତ୍ର କୁନୁ ବାଘ(୭)ଙ୍କୁ ଶିକ୍ଷକ ଦେବେନ୍ଦ୍ର ଗୋଇଠା ମାରିଥିଲେ। ଗୋଇଠା ମାଡରେ ଶିବାନୀଙ୍କ ପିଠି ଫାଟି ରକ୍ତ ଜମାଟ ହୋଇଥିବା ବେଳେ କୁନୁଙ୍କ ପିଠି ଫାଟି ରକ୍ତ ଝରିଥିଲା। ସରକାର ଶିକ୍ଷାନୁଷ୍ଠାନଗୁଡିକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଥିବା ବେଳେ ଶିକ୍ଷକଙ୍କ ଆଚରଣ ସମସ୍ତ ସୀମା ଟପିଥିଲା। ସମ୍ପୃକ୍ତ ପ୍ରଧାନଶିକ୍ଷକ କୁନି ଶିଶୁ ଦ୍ୱୟଙ୍କୁ ଡାକ୍ତରଖାନାକୁ ଆଣି ଚିକିତ୍ସା କରି ନ ଥିଲେ। କଷ୍ଟ ସହି ନପାରି ଛାତ୍ରୀଛାତ୍ର ଘରକୁ ଆସି ମା ଓ ବାପାଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ପରେ ଶିଶୁ ଦ୍ୱୟଙ୍କୁ ବିନିକା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। କୁନୁଙ୍କ ମା' ରଶ୍ମିତା ବାଘ ବିନିକା ଥାନାରେ ଶିକ୍ଷକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେବଳ ଏକ ମାମଲା ରୁଜୁ କରି କାମ ସାରି ଦେଇଥିଲା । ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ଏ ସମ୍ପର୍କରେ କିଛି ଜାଣି ନଥିବା କହି ଚୁପ୍ ବସିଥିଲେ। ଘଟଣାକୁ ସ୍ଥାନୀୟସ୍ତରରେ ହିଁ ଚାପି ଦିଆଯାଇଥିଲା। ବୁଧବାର ଛାତ୍ରୀଛାତ୍ରଙ୍କ ମା' ରଶ୍ମିତା ବାଘ, ବାପା ରାଜେନ୍ଦ୍ର ସାଲମା ଓ ଗୋପାଳ ଜାଲ ନ୍ୟାୟ ନ ପାଇଁ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଧରିତ୍ରୀରେ ଏହି ଖବର ପ୍ରକାଶ ପାଇବା ପରେ ସରକାରୀ କାର୍ଯ୍ୟରେ ଭୁବନେଶ୍ୱରରେ ଥିବା ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଘଟଣାର ତଦନ୍ତ ପାଇଁ ବିନିକା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଇଓଙ୍କ ନିର୍ଦ୍ଦେଶ ପରେ ବିନିକା ବ୍ଲକର ଦୁଇ ଏବିଇଓ ଘଟଣାର ତଦନ୍ତ କରିଥିଲେ।

# ଗନ୍ଧରାଡ଼ୀ ପୀଠରେ ଲୁଚି ରହିଛି ପ୍ରାଚୀନ ଇତିହାସ

**ବୌଦ୍ଧ,୨୩।୨(ସ୍ୱ.ପ୍ର.)**



ଗନ୍ଧରାଡୀ ଲୋକକଳା ମହୋତ୍ସବର ଦ୍ୱିତୀୟ ଦିବସରେ ଯୋଗ ଦେଇଥିବା ଅତିଥି।

**ଗନ୍ଧରାଢ଼ୀ ଲୋକକଳା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବୌଦ୍ଧ ଜିଲାର ଜଗତିଠାରେ ଥିବା ଐତିହାସିକସ୍ଥଳୀ ଗନ୍ଧରାଡୀ ପୀଠରେ ଚାଲିଥିବା ଗନ୍ଧରାଡୀ ଲୋକକଳା ମହୋତ୍ସବର ଗୁରୁବାର ଥିବା ଦ୍ୱିତୀୟ ସନ୍ଧ୍ୟା। ଏହି ଲୋକକଳା ମହୋତ୍ସବ ଦ୍ୱିତୀୟ ଥର ପାଇଁ ଆୟୋଜିତ ହୋଇଛି। ଦ୍ୱିତୀୟ ଦିବସର ସନ୍ଧ୍ୟାରେ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କେନ୍ଦୁପତ୍ର କଲ୍ୟାଣ ବୋର୍ଡ ଓଡିଶାର ଉପଦେଷ୍ଟା ସଞ୍ଜିତ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରାଧାପକ ଜ୍ୟୋତିରଞ୍ଜନ ବହିଦାର ଯୋଗ ଦେଇଥିଲେ। ଅତିଥିମାନେ ଗନ୍ଧରାଡୀ ପୀଠର ପ୍ରଚାର ପ୍ରସାର ସହ ଉନ୍ନତି ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ବହିଦାର ଗନ୍ଧରାଡୀ ପୀଠରେ ୩ ହଜାର ବର୍ଷ ତଳର ଇତିହାସ ଲୁଚି ରହିଥିବା ନେଇ ମତବ୍ୟକ୍ତ କରିଥିଲେ । କମିଟିର ସମ୍ପାଦକ ଶମ୍ଭୁଗିରି ମଞ୍ଚାସୀନ ଥିଲେ। ଚଳିତବର୍ଷ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ଆୟୋଜକ କମିଟି ପକ୍ଷରୁ ମିନାବଜାର ସାଙ୍ଗକୁ ପଲ୍ଲିଶ୍ରୀ ମେଳା ପଡିଛି। ୧୦୦ଟି ଷ୍ଟଲ ମାଧ୍ୟମରେ ବିଭିନ୍ନ ସାମଗ୍ରୀର ବିକ୍ରି ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ସମ୍ବଲପୁରୀ ନୃତ୍ୟ ସାଙ୍ଗକୁ ସ୍ଥାନୀୟ କଳାକାରଙ୍କ ବିଭିନ୍ନ ନୃତ୍ୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏହି ମହୋତ୍ସବ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୪ ଫେବୃୟାରୀ, ୨୦୨୩



## ସଂକ୍ଷେପରେ

### କୋଇଡାରୁ ବୋଲେରୋ ପିକ୍ଅପ୍ ଚୋରି

ଟେନସା,୨୩।୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅଫିସ ସମ୍ମୁଖରେ ଥିବା ହନୁମାନ ମନ୍ଦିର ପଛପଟୁ ଗତ ମଙ୍ଗଳବାର ରାତିରେ ଏକ ବୋଲେରୋ ପିକ୍ଅପ୍ (ନଂ ଓଡି୧୪ ସି ୪୩୧୭) ଚୋରି ହୋଇଯାଇଛି। ଏହାକୁ ଗାଡି ମାଲିକ ସବୁଦିନ ପରି ସେଦିନ ନିଜ ଘର ଆଗରେ ରଖିଥିଲେ। ପରଦିନ ସକାଳୁ ଗାଡି ନ ଥିବା ଦେଖି ଖୋଜାଖୋଜି କରି ନ ପାଇବାରୁ କୋଇଡା ଥାନାରେ ଜଣାଇଥିଲେ । କୋଇଡା ଥାନା ଅଧିକାରୀ ଲୋକେଶ୍ୱର ସାହୁ ଆଖପାଖରେ ଥିବା ସିସି ଟିଭି ଫୁଟେଜକୁ ଆଧାର କରି ତଦନ୍ତ ଚଳାଇଥିଲେ ହେଁ ଚୋରି ଗାଡିର ପତ୍ତା ମିଳିନାହିଁ। କୋଇଡା ଅଞ୍ଚଳରେ ଖଣି ଉତ୍ତୋଳନ ଓ ପରିବହନ ଯୋଗୁ ଦିନ ରାତି ୨୪ ଘଣ୍ଟା ବିଭିନ୍ନ ଅଞ୍ଚଳର ଲୋକଙ୍କ ଚଳପ୍ରଚଳ ହୋଇଥାଏ । ଏହି ମଉକାର ସୁଯୋଗ ନେଇ ଚୋରମାନେ ଅତି ସହଜରେ ଚୋରି କରି ଖସି ଯିବାରେ ସଫଳ ହେଉଛନ୍ତି । ଅନ୍ୟପଟେ ରାସ୍ତାକଡ଼ରେ ଷ୍ଟ୍ରିଟ ଲାଇଟ ଓ ରାତ୍ରିକାଳୀନ ପାଟ୍ରୋଲିଂ ଅଭାବରୁ ଦିନକୁ ଦିନ ଅଞ୍ଚଳରେ ଚୋରି ବଢି ଚାଲିଛି ।

### ମୋ ସ୍କୁଲ ଅଭିଯାନର ୫ ବର୍ଷ ପୂର୍ତ୍ତି ଉତ୍ସବ

ସୁନ୍ଦରଗଡ,୨୩।୨(ଡି.ଏନ.ଏ.): ସୁନ୍ଦରଗଡ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଭବାନୀଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ ମୋ' ସ୍କୁଲ ଅଭିଯାନର ୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ମିଳିତ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲାର ୧୭ଟି ବ୍ଲକର ସହଭାଗିତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ବାଳିକା ବିଭାଗର ସଭାକକ୍ଷରେ ଅନୁଷ୍ଠିତ ସଭାରେ ସୁନ୍ଦରଗଡ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମୋ ସ୍କୁଲ ଅଭିଯାନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା ସଭାରେ ସଭାପତିତ୍ୱ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁଆଁରମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ ମୋ'ସ୍କୁଲ ଅଭିଯାନର ସଫଳତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ଲକର ଶିକ୍ଷକ, ବ୍ଲକ ଶିକ୍ଷା ଅଧିକାରୀ, ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସିଆରସିସି ଓ ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ନିଜର ଅଭିଜ୍ଞତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶ୍ରେଷ୍ଠ ଆଲୁମିନି ଭାବରେ ସୁନ୍ଦରଗଡ ସଦର ବ୍ଲକ ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ବଟକିଶୋର ମିଶ୍ର, କୁଆଁରମୁଣ୍ଡା ବ୍ଲକ କଚାରୁ ସରକାରୀ ଉଚ୍ଚ ବିଦ୍ୟାଳୟର ସଞ୍ଜୟ ଓରାମ, ଲାଠିକଟା ବ୍ଲକର ଅଶ୍ରୁ ଛାପଲ ସରକାରୀ ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ରବିନୋଦ କେର୍କେଟାଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ବୀରବିକ୍ରମ ସିଂହଦେଓ ଧନ୍ୟବାଦ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଚନ୍ଦ୍ରଶେଖର ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

# ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇବାକୁ ପ୍ରୋତ୍ସାହନ

**ଆନ୍ତଃବିଭାଗୀୟ ସଂଯୋଗୀକରଣ ଦ୍ୱାରା ସ୍ୱାବଲମ୍ବୀ ହେଉଛନ୍ତି ଗରିବ ପରିବାର**

ସୁନ୍ଦରଗଡ଼,୨୩।୨(ଡି.ଏନ.ଏ.)

ଗାଁ ଗାଁରେ ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇ ନୂତନ ଜଙ୍ଗଲ ସୃଷ୍ଟି କରିବା ତଥା ଲୋକଙ୍କୁ ବିକଳ୍ପ ରୋଜଗାରର ପନ୍ଥା ଯୋଗାଇବା ନିମନ୍ତେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ (ଓ.ଏଫ.ଏସ.ଡି.ପି.) ର ଦ୍ୱିତୀୟ ପର୍ଯ୍ୟାୟ ଉଜ୍ଜଲପୁର, ହେମଗିର, ଲେଫ୍ରିପଡା, ସୁନ୍ଦରଗଡ ଓ ବଡଗାଁ ବନାଞ୍ଚଳର ୧୫୬ଟି ବନ ସୁରକ୍ଷା ସମିତିରେ କାର୍ଯ୍ୟ କରୁଛି। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଆନ୍ତଃ ବିଭାଗୀୟ ସଂଯୋଗୀକରଣ ମାଧ୍ୟମରେ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଜୀବିକା ବିକଳ୍ପକୁ ମଜବୁତ କରିବା । ସୁନ୍ଦରଗଡ ବନଖଣ୍ଡରେ ଖଣ୍ଡୀୟ ଓ କ୍ଷେତ୍ର ପରିଚାଳନା ଏକକ ତଥା ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତାଙ୍କ ନିରନ୍ତର ପ୍ରୟାସ ଯୋଗୁ ଗତ ପାଞ୍ଚ ବର୍ଷରେ ଏହି ୧୫୬ ବନ ସୁରକ୍ଷା ସମିତିରେ ୪୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ, ରୋଜଗାର, ଉପକରଣ ପ୍ରଦାନ ଆଦି ସୃଷ୍ଟି କରାଯାଇପାରିଛି। ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମ, ଜୀବିକା ପ୍ରୋତ୍ସାହନ କାର୍ଯ୍ୟକ୍ରମ, ଜଳପ୍ରବାହ, କୃଷି ବିକାଶ କାର୍ଯ୍ୟକ୍ରମ, ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ, ପଶୁପାଳନ ବିକାଶ କାର୍ଯ୍ୟକ୍ରମ, ଜନସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ଅଧିକାର ସମ୍ବନ୍ଧୀୟ ଯୋଜନାକୁ ଗୋଷ୍ଠୀ ସ୍ତରରେ ସୁନିଶ୍ଚିତ କରିବା ପାଇଁ ସୁନ୍ଦରଗଡ ଖଣ୍ଡୀୟ ପରିଚାଳନା ଏକକ ତରଫରୁ ବ୍ୟାପକ ପ୍ରୟାସ କରାଯାଉଛି। ୧୫୬ଟି ବନ ସୁରକ୍ଷା ସମିତିର ୧୭୩୫୪ ପରିବାରର ସମୁଦାୟ ୭୨୭୧୨ ଜଣ ଏହି ଆନ୍ତଃ ବିଭାଗୀୟ ସଂଯୋଗୀକରଣରେ ସିଧାସଳଖ ଉପକୃତ ହୋଇଛନ୍ତି। ସୁନ୍ଦରଗଡ ଖଣ୍ଡୀୟ ପରିଚାଳନା ଏକକର ୫ଟି ଯାକ କ୍ଷେତ୍ର ପରିଚାଳନା ଏକକରେ ୩୫ ସରକାରୀ ଓ ବେସରକାରୀ ବିଭାଗର ୧୨୧ଟି ଯୋଜନାକୁ ତୃଣମୂଳ ସ୍ତରରେ ପହଞ୍ଚାଇବାରେ ସଫଳ ହୋଇଛି ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଦିତୀୟ ପର୍ଯ୍ୟାୟ। ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା, ଉଦ୍ୟାନ କୃଷି ବିଭାଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଠା ଜଳ ସେଚନ ବିଭାଗ, ପ୍ରାଣୀସମ୍ପଦ ବିକାଶ ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଆଦି ବିଭାଗ ଓ ସଂସ୍ଥାର ସହାୟତାରେ ଏହି ସଫଳତା ହାସଲ କରିଛି ସୁନ୍ଦରଗଡ ଖଣ୍ଡୀୟ ପରିଚାଳନା ଏକକ। ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ତରଫରୁ ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେ ଆଗାମୀ ଦିନରେ ଏହି ଆନ୍ତଃ ବିଭାଗୀୟ ସଂଯୋଗୀକରଣ ଦ୍ୱାରା ଗରିବ, ଆଦିବାସୀ ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀ ଉପକୃତ ହେବା ସହ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ଆଶା ପ୍ରକାଶ କରିଛନ୍ତି।



ଫସଲ କରି ସ୍ୱାବଲମ୍ବୀ ହୋଇଥିବା ଚାଷୀ ।

### ମସଲା ଷ୍ଟଲ, ପଞ୍ଜାବୀ ଚିକେନ୍ ମୁଖ୍ୟ ଆକର୍ଷଣ

ରାଉରକେଲା ଅଫିସ,୨୩।୨

ରାଉରକେଲା ସେକ୍ଟର-୧୩ ମେଳଣ ପଡିଆରେ ଚାଲିଥିବା ବାଣିଜ୍ୟ ମେଳା 'ବିଗ୍ ଇଭେଣ୍ଟ'ରେ- ଭିଡ ଜମୁଛି। ଏହି ମେଳା ଆଜିକୁ ୧୦ ଦିନ ଧରି ଚାଲିଥିବାବେଳେ ଏଠାରେ ବିଭିନ୍ନ ମସଲା ଓ ପଞ୍ଜାବୀ ଚିକେନ ଷ୍ଟଲ ମୁଖ୍ୟ ଆକର୍ଷଣ ପାଲିଟିଛି। ମେଳାରେ ମୋଟ ୨ଶହରୁ ଅଧିକ ଷ୍ଟଲରେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ସାମଗ୍ରୀ ବିକ୍ରି କରାଯାଉଛି। ଗ୍ରାହକମାନେ ରୁଚି, ଭାରତ, ଗୃହସ୍ଥୀ ଓ ହୋମଫିଲ ମସଲା ଷ୍ଟଲରେ ବାଏ ୱାନ ଗେଟ ୱାନ୍ ଅଫରର ଭରପୁର ସୁଯୋଗ ଉଠାଉଛନ୍ତି। ସେହିପରି ବିଭିନ୍ନ ରଙ୍ଗବେରଙ୍ଗ କାରପେଟ, ଫର୍ନିଚର ଓ ବହୁ ଘରୋଇ ଆସବାପପତ୍ର ଉପରେ ବିଶେଷ ରିହାତି ରଖାଯାଇଛି। ଅଟୋ ମୋବାଇଲ କ୍ଷେତ୍ରରେ ଟାଟା, ନେକ୍ସା, ମାରୁତି, ହୋଣ୍ଡାଇ ଭଳି ଗାଡିଗୁଡିକର ଏକ୍ସଚେଞ୍ଜ ଅଫର ସାଙ୍ଗକୁ କ୍ୟାଶ୍ ଡିସ୍କାଉଣ୍ଟ ବ୍ୟବସ୍ଥା କରାଯାଇଛି। ଶାଢି, ପଞ୍ଜାବୀ ପଟିୟାଲା, ମହିଳାଙ୍କ ସୁଟ୍ ଭଳି ଜିନିଷରେ ସ୍ୱତନ୍ତ୍ର ରିହାତି ରହିଛି। ବ୍ୟାଟେରୀ ଚାଳିତ ଗାଡିରେ କ୍ୟାଶ ଡିସ୍କାଉଣ୍ଟ ରହିଛି। ଏହି ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଜନତାଙ୍କ ଟଙ୍କା ହଡ଼ପ କରିଛି ମୋଦି -ଆଦାନୀ ମେଣ୍ଟ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ।

**ଖବରଦାତା ସମ୍ମିଳନୀରେ କଂଗ୍ରେସର ଅଭିଯୋଗ**

ଦେବଗଡ଼,୨୩।୨(ଡି.ଏନ.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶିଳ୍ପପତି ଗୌତମ ଆଦାନୀଙ୍କ ମହାମେଣ୍ଟରେ ମହାଦୁର୍ନୀତି ଯୋଗୁ ଦେଶର ଆର୍ଥିକ ସ୍ଥିତି ବିଗିଡିବାରେ ଲାଗିଛି। ଏହାସହ ଦେଶର ରାଷ୍ଟ୍ରାୟତ ବ୍ୟାଙ୍କ ଓ ଏଲଆଇସି ଭଳି ସଂସ୍ଥାର ହଜାର ହଜାର କୋଟି ଟଙ୍କାକୁ ମୋଦି ସରକାରଙ୍କ ଅନୁକମ୍ପା ଯୋଗୁ ଆଦାନୀ ଗ୍ରୁପ୍‌କୁ ପ୍ରଦାନ କରାଯାଇଥିବାରୁ ଦେଶର କୋଟି କୋଟି ଜନସାଧାରଣଙ୍କ ଟଙ୍କା ହଡପ ହୋଇଥିବା ଅଭିଯୋଗ କରିଛି କଂଗ୍ରେସ । ଘଟଣାର ଜେପିସି ତଦନ୍ତ ପାଇଁ କଂଗ୍ରେସ ଦାବି କରୁଥିବା ବେଳେ କେନ୍ଦ୍ର ସରକାର ଏହାକୁ ଗ୍ରହଣ ନ କରିବାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ଦେଶରେ ବେକାରୀ, ଗରିବୀ ଓ ଦରଦାମ ବୃଦ୍ଧି ଚରମ ସୀମାରେ ପହଞ୍ଚିଥିବା ବେଳେ ମୋଦି ସରକାର ଏହାକୁ ଅମୃତ କାଳ ବୋଲି ବର୍ଣ୍ଣନା କରିବା ହାସ୍ୟାସ୍ପଦ ବୋଲି ଜିଲା କଂଗ୍ରେସ କମିଟି ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ବିରେନ ସେନାପତି ଅଭିଯୋଗ କରିଥିଲେ। ସମ୍ମିଳନୀରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମଞ୍ଜୁଲତା ନାୟକ, ଉପସଭାପତି ସୁବାଷ ଚନ୍ଦ୍ର ଭୋଇ, ଏସ୍‌ସି ସେଲ୍ ସଭାପତି ମଞ୍ଜୁଳ ନାୟକ, ବରିଷ୍ଠ କର୍ମୀ ଆମର୍ଜିତ ବାର୍ଲା, ପ୍ରମୋଦ କୁମାର ମିଶ୍ର ଓ ବସନ୍ତ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

## କ୍ରିକେଟ: ସେମିରେ ଫ୍ରେଣ୍ଡ୍ସ କ୍ଲବ

ଦେବଗଡ଼,୨୩।୨(ଡି.ଏନ.ଏ.)

ଦେବଗଡ଼ ମହାବୀର କ୍ଲବ ପକ୍ଷରୁ ସ୍ଥାନୀୟ ମହୁଲଡିପାସାହି ନାଳ ପଡିଆଠାରେ ଚାଲିଥିବା ବଜରଙ୍ଗ କପ୍ କ୍ରିକେଟ ପ୍ରତିଯୋଗିତାରେ ଗୁରୁବାର ବଜରଙ୍ଗ କ୍ରିକେଟ କ୍ଲବ ଓ ଫ୍ରେଣ୍ଡ୍ସ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବଜରଙ୍ଗ ଦଳ ଟସ୍ ଜିଣି ପ୍ରଥମେ ଫିଲ୍ଡିଂ କରିବାର ନିଷ୍ପତ୍ତି ନେଇଥିଲା। ଫ୍ରେଣ୍ଡ୍ସ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲା। ଜବାବରେ ବଜରଙ୍ଗ ଦଳ ୯ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ମ୍ୟାଚ୍‌ରେ ୪୬ ରନ୍‌ରେ ବିଜୟୀ ହୋଇ ଫ୍ରେଣ୍ଡ୍ସ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଅମିତ ରଞ୍ଜିତ ଓ ଆକାଶ ସାହୁ ଅମ୍ପାୟାର ରହିଥିବାବେଳେ ସ୍କୋରର ଭାବେ ଗଣେଶ ସାହୁ ଦାୟିତ୍ୱ ତୁଲାଇଥିଲେ। ବେଣୁଧର ଗଡ଼ନାୟକ ଓ ଚେତନ ସ୍ନିହା ଧାରା ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ପ୍ରିତମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଶାଶ୍ୱତ ନନ୍ଦ ଅତିଥି ଭାବେ ଯୋଗଦେଇ ଫ୍ରେଣ୍ଡ୍ସ କ୍ଲବର ସରୋଜ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ ସଭାପତି କାର୍ତ୍ତିକ ମହାକୁଳ, ସମ୍ପାଦକ ରାଜୀବ ଗଡ଼ନାୟକ, କୋଷାଧ୍ୟକ୍ଷ ପ୍ରିତମ ସାହୁ, ସହ କୋଷାଧ୍ୟକ୍ଷ ତନ୍ମୟ ଦାଶ ଉପସ୍ଥିତ ଥିଲେ। ମଙ୍ଗଲୁ ବାଘ, ଆକାଶ ବାରିକ, ଅଜିତ ଦଣ୍ଡିଆ, ତନ୍ମୟ ରଞ୍ଜନ ପ୍ରଧାନ, ବବଲୁ ବାରିକ, ପଞ୍ଚାନନ ଆଚାର୍ଯ୍ୟ, ତନ୍ମୟ ଘୋଷ, କରନ ଜିନ୍ଦଲ, ଦୀପକ ସାହୁ ପ୍ରମୁଖ ସହଯୋଗ କରିଥିଲେ।




ସରୋଜ ପ୍ରଧାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

### ବିଭିନ୍ନ ଦୋକାନରେ ଚଢ଼ାଉ

ଲହୁଣୀପଡା,୨୩।୨(ଡି.ଏନ.ଏ.)

ଲହୁଣୀପଡା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଦୋକାନ ଉପରେ ଫୁଡ ତଥା ଅନ୍ୟାନ୍ୟ ବିଭାଗ ପକ୍ଷରୁ ମିଳିତ ଚଢାଉ କରାଯାଇ ଜରିମାନା ଆଦାୟ ହୋଇଥିବା ଜଣାପଡିଛି। ଲହୁଣୀପଡା ବ୍ଲକର ରାଜାମୁଣ୍ଡା, ଲହୁଣୀପଡା, କଲେଇପୋଷ ଓ ଲଲେଇ ଛକରେ ଥିବା ପାନ ଦୋକାନ, ଜଳଖିଆ ଦୋକାନ, ଫାଷ୍ଟଫୁଡ଼ ଦୋକାନ, ରାଶନ ଦୋକାନ ଉପରେ ଫୁଡ୍ସ, ପୋଲିସ, ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଚଢାଉରେ ଫୁଡ୍ସ ଇନ୍ସପେକ୍ଟର ପ୍ରତାପରୁଦ୍ର ମଣ୍ଡଳ, ତମାଖୁ କଣ୍ଟ୍ରୋଲର ସ୍ୱପ୍ନଜିତ ମହାନ୍ତି, ଡ୍ରଗ୍ସ ଇନ୍ସପେକ୍ଟର ଆଜମନୀ ମାରାଣ୍ଡି, ବଣେଇ ଭାରପ୍ରାପ୍ତ ଅବକାରୀ ଅଧିକାରୀ ଶ୍ରୀକାନ୍ତ ପଟ୍ଟନାୟକ, ଲହୁଣୀପଡା ଅବକାରୀ ପକ୍ଷରୁ ଅବଦୁଲ ଅନୱାର, ଲହୁଣୀପଡା ଥାନା ଏଏସଆଇ ତପନ କୁମାର ପରିଡ଼ାଙ୍କ ସମେତ ସହକର୍ମୀମାନେ ଦୋକାନ ଗୁଡିକରେ ଚଢ଼ାଉ କରିଥିଲେ। ବେନିୟମ ଭାବେ ବିଭିନ୍ନ ସାମଗ୍ରୀ ବିକ୍ରି କରୁଥିବା ଦୋକାନୀ ତଥା ଭେଜାଲ ଖାଦ୍ୟ ବିକ୍ରୀ କରୁଥିବା ଦୋକାନୀଙ୍କ ଠାରୁ ଜରିମାନା ଆଦାୟ ହୋଇଥିଲା ।

### ପ୍ରଧାନ ଶିକ୍ଷକ କଂଗ୍ରେସ ନାଏକଙ୍କ ପରଲୋକ

କୁଆଁରମୁଣ୍ଡା,୨୩।୨(ଡି.ଏନ.ଏ.)

ଜଣେ ଆଦର୍ଶ, ଛାତ୍ରବତ୍ସଳ ଶିକ୍ଷକ ଭାବେ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ପରିଚିତ କଂଗ୍ରେସ ନାଏକ(୫୫) ଆଉନାହାନ୍ତି। ବୁଧବାର ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀରକୁ ଗୁରୁବାର କୁଆଁରମୁଣ୍ଡାସ୍ଥିତ ବାସଭବନକୁ ଅଣାଯାଇଥିଲା। ସେ ଶିଆଳଯୋର୍ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ। ଏହା ପୂର୍ବରୁ ସେ ହରିହର ସ୍କୁଲରେ ଥିଲେ । ତାଙ୍କ ବିୟୋଗରେ ଉଭୟ ବିଦ୍ୟାଳୟରେ ଶୋକସଭା କରାଯାଇ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା ।

## ୱାନ୍ ର୍ୟାଙ୍କ ୱାନ ପେନ୍‌ସନ୍ ଦାବିରେ ସ୍ମାରକପତ୍ର




ଏଡିଏମଙ୍କ ଅଫିସ୍ ସମ୍ମୁଖରେ ଦାବି ଉପସ୍ଥାପନ କରାଯାଉଛି।

ରାଉରକେଲା ଅଫିସ,୨୩।୨

ଇଣ୍ଡିଆନ ଭେଟେରାନ ଅର୍ଗାନାଇଜେଶନ ସୁନ୍ଦରଗଡ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଅର୍ଗାନାଇଜେଶନର କର୍ମକର୍ତ୍ତା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି ଦେଶ ପାଇଁ କାର୍ଯ୍ୟରତ ଯବାନମାନଙ୍କ ପାଇଁ ୱାନ ର୍ୟାଙ୍କ ୱାନ ପେନସନ ଦାବି କରିଥିଲେ। ସେହିପରି ସର୍ଭିସ ପେ ବାବଦକୁ ସମାନ ଅର୍ଥରାଶି ପ୍ରଦାନ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ପରେ ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭେଟରାନ ସୁମନ୍ତ କୁମାର ପାଣିଗ୍ରାହୀ, ପି. ପି. ଗୁପ୍ତା, ଚକ୍ରାନ୍ତ ଜେନା, ଅଭିନାଶ ଶୁକ୍ଲା, ସୁରେନ୍ଦ୍ର କାଣ୍ଡୁଲାନା, ରଞ୍ଜିତ କୁମାର ଲେଙ୍କା, ବି. କେ. ସାହାଣୀ, ଉତ୍କଳ କେଶରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଡାକ୍ତର ପଦବୀ ପୂରଣ ପାଇଁ ଦାବିକଲା ଆଦିବାସୀ ସଂଘ

ଦେବଗଡ଼,୨୩।୨(ଡି.ଏନ.ଏ.)

ଦେବଗଡ଼ ଜିଲାରେ ମଞ୍ଜୁରୀପ୍ରାପ୍ତ ୧୦୬ ଡାକ୍ତର ପଦବୀ ରହିଥିବାବେଳେ ବର୍ତ୍ତମାନ ମାତ୍ର ୩୪ଜଣ ଅଛନ୍ତି। ସେଥିମଧ୍ୟରୁ ୭୨ଟି ପଦବୀ ଖାଲିପଡିଛି। ଫଳରେ ରୋଗୀମାନେ ଡାକ୍ତରଖାନାକୁ ଆସି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲାରେ ଡାକ୍ତର ପଦବୀ ଖାଲି ପଡିଥିବାରୁ ରୋଗୀମାନେ ଚିକିତ୍ସା ପାଇଁ ଅନ୍ୟ ଜିଲାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଦେବଗଡ ଜିଲାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରିବା ପାଇଁ ଜିଲା ଆଦିବାସୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଗୁରୁବାର ସଂଘ ସଭାପତି ସେମ ହେମରମ ସିଡିଏମ୍‌ଓ ଡା. ସାଧନା ଦାଶଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ ଦେବା ସହ ଆଲୋଚନା କରିଛନ୍ତି। ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରା ନ ଗଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବରେ ହେବ ଇଷ୍ଟି ଦୀପନା ଉତ୍ସବ

ରାଉରକେଲା ଅଫିସ,୨୩।୨

ରାଉରକେଲା ସେକ୍ଟର-୧୩ ମେଳନ ପଡିଆରେ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୫ତମ ଜନ୍ମୋତ୍ସବ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ୬ଷ୍ଠ ଇଷ୍ଟି ଦୀପନା ଉତ୍ସବ-୨୦୨୩ ହେବ। ରାଉରକେଲା ସତ୍‌ସଙ୍ଗ ବିହାରରେ ଏ ନେଇ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଉତ୍ସବରେ ରାଉରକେଲା ଓ ପାର୍ଶ୍ୱାଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ମହୋତ୍ସବସ୍ଥଳୀରେ ଏକ ଅସ୍ଥାୟୀ ପ୍ରାର୍ଥନା ଗୃହ, ଉତ୍ସବ ମଣ୍ଡପ, ଆଶୁ ଚିକିତ୍ସା କେନ୍ଦ୍ର, ଦୀକ୍ଷା ପୁନଃ ସ୍ମରଣ କେନ୍ଦ୍ର, ପ୍ରସାଦ ସେବନ ଗୃହାଦି ନିର୍ମାଣ ହୋଇସାରିଛି। ମହୋତ୍ସବ ପୂର୍ବଦିନ ସେକ୍ଟର-୫ ଶ୍ରୀଗୁଣ୍ଡିଚା ମନ୍ଦିରରୁ ରିଂରୋଡ୍ ଯାଏ ଏକ ଶୋଭାଯାତ୍ରା ହେବ। ନଗରକୀର୍ତ୍ତନରେ ବିଭିନ୍ନ ସ୍ଥାନରୁ ଆସିଥିବା କୀର୍ତ୍ତନୀୟମଣ୍ଡଳ ସହିତ ଘୁମୁରା, ଆଦିବାସୀ ନୃତ୍ୟ ଓ ଘଣ୍ଟବାଦ୍ୟ ସାମିଲ ହେବ। ଧର୍ମସଭାରେ ସତ୍‌ସଙ୍ଗର ସହସମ୍ପାଦକ ପ୍ରତିରତ୍ୱିକ ଶ୍ରୀଧର ସୁନ୍ଦର ମିଶ୍ର, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ, ଆରଏସ୍‌ପିର ଡାଇରେକ୍ଟର ଅତନୁ ଭୌମିକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଏବଂ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାସହିତ ଉତ୍ସବରେ ଚିକିତ୍ସକ ସମ୍ମିଳନୀ, ମାତୃ ସମ୍ମିଳନୀ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସହ ପ୍ରତିନିଧି ଓ ସମ୍ପାଦକ ବସନ୍ତ କୁମାର ଜେନା, କୋଷାଧ୍ୟକ୍ଷ ରାଧାକାନ୍ତ ମିଶ୍ର, ସହକାରୀ ପ୍ରତିନିଧି ନିମାଇଁ ଚରଣ ଦାଶ, ଯାଜକ ଗଣେଶ ପ୍ରସାଦ ପ୍ରଧାନ, ସଚ୍ଚିଦାନନ୍ଦ ପରିଡା, ଦୀନବନ୍ଧୁ ମୁଦୁଲି, ଜୟନ୍ତ ଭଞ୍ଜରାୟ, ଗୋଲକ ବିହାରୀ, ମଙ୍ଗରାଜ, ସୁବାଷ ଚନ୍ଦ୍ର ବାରିକ, ଗୟାଧର ରାଉଳ ଏବଂ ସୁକାନ୍ତ ଲେଙ୍କା ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାଗଣ।




ଆର୍‌ଏସ୍‌ପି ନିର୍ଦ୍ଦେଶକ ଓ ଅନ୍ୟମାନଙ୍କ ଗହଣରେ ବିଜେତା ଦଳର ଖେଳାଳିଗଣ।

## ଗ୍ରାମୀଣ ଫୁଟ୍‌ବଲ: ଲାଇଙ୍ଗ କଲୋନୀ ଚାମ୍ପିୟନ

ରାଉରକେଲା ଅଫିସ,୨୩।୨

ରାଉରକେଲା ଇସ୍ପାତ ଷ୍ଟାଡିୟମରେ ଚାଲିଥିବା ଗ୍ରାମୀଣ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ନୂଆଗାଁ, ଲାଠିକଟା, କୁଆଁରମୁଣ୍ଡା ବ୍ଲକର ମୋଟ୍ ୧୨୮ଟି ଦଳ ଅଂଶଗ୍ରହଣ କରିଥିଲେ। ଲାଇଙ୍ଗ କଲୋନୀ ଏବଂ ଜଳଦା ଏକାଦଶ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ପେନାଲ୍‌ଟି ସୁଟ୍ ଆଉଟ୍ ଜରିଆରେ ଲାଇଙ୍ଗ କଲୋନୀ ଜଳଦା ଏକାଦଶକୁ ପରାସ୍ତ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ସମାରୋହରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ସହ ୧୦ହଜାର ଟଙ୍କା ଓ ଉପବିଜେତା ଦଳକୁ ୮ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଟୁର୍ନାମେଣ୍ଟ ପରିଚାଳନା ଦାୟିତ୍ୱ ତୁଲାଇଥିବା ମହିଳା ଗୋଷ୍ଠୀ ଓ ଅଫିସିଆଲମାନଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟ ନିର୍ବାହୀ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି. କେ. ହୋତା, ପି. କେ. ରଥ, ସୁଶ୍ରୀ ମୁନମୁନ୍ ମିତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ୫-ଟି ବିଦ୍ୟାଳୟ ପରିଦର୍ଶନ

କୁତ୍ରା,୨୩।୨(ଡି.ଏନ.ଏ.)

ସୁନ୍ଦରଗଡ ଜିଲାପାଳ ଡା. ପରାଗ ହର୍ଷଦ ଗାଭାଲି ଗୁରୁବାର କୁତ୍ରା ଅଞ୍ଚଳର ୫-ଟି ଅନ୍ତର୍ଭୁକ୍ତ ଦୁଇଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ସେ ପ୍ରଥମେ ପଞ୍ଚରାସ୍ଥିତ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାରେ ଚାଲିଥିବା ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ବୁଲି ଦେଖିଥିଲେ । ପରେ ଗମ୍ଭାରଡିହି ବାଳିକା ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାରେ ୫-ଟି ଦ୍ୱାରା ଚାଲିଥିବା ବିଦ୍ୟାଳୟ ରୂପାନ୍ତରୀକରଣ କାର୍ଯ୍ୟ ଦେଖିଥିଲେ । ଉଭୟ ବିଦ୍ୟାଳୟର କାମ ଶୀଘ୍ର ଶେଷ କରିବା ପାଇଁ ତାଗିଦ କରିଥିଲେ ।ଏହି ଗସ୍ତ ସମୟରେ ତାଙ୍କ ସହିତ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, କୁତ୍ରା ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ ।



ଜିଲାପାଳ ଗମ୍ଭାରଡିହି ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### କାର୍ ଦୁର୍ଘଟଣାଗ୍ରସ୍ତ, ୫ ଗୁରୁତର



ଦୁର୍ଘଟଣାଗ୍ରସ୍ତ କାର।

**ଲୋଇସିଂହା,୨୩।୨(ଡି.ଏନ.ଏ.):** ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥର ଲୋଇସିଂହା ଥାନା ସୀମାନ୍ତ ଫାସଡ ସୁକଟେଲ ନଦୀ ପୋଲ ନିକଟରେ ଏକ କାର(ଓଡି୦୮କେ୦୮୦୯) ଗୁରୁବାର ଦୁର୍ଘଟଣାଗ୍ରସ୍ତ ହୋଇଛି। କାରରେ ଥିବା ମ୍ୟାନେଜର ସାହୁ, ତ୍ରିଲୋଚନ ମହାକୁଡଙ୍କ ସମେତ କଳାହାଣ୍ଡି ଜିଲା ମଦନପୁର ରାମପୁର ଅଞ୍ଚଳର ୫ ଜଣ ଯାତ୍ରୀ ଗୁରୁତର ହୋଇଛନ୍ତି। ଲୋଇସିଂହା ଅଗ୍ନିଶମ କର୍ମଚାରୀ ଗୁରୁତରଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ସମ୍ପୃକ୍ତ ଯାତ୍ରୀମାନେ ଲୋଇସିଂହା ଥାନା ମନହୀରା ଗ୍ରାମକୁ ଏକ ବାହାଘରରେ ଯୋଗଦେବା ପାଇଁ କାରରେ ଆସୁଥିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ କାର ଓଲଟି ପଡିଥିଲା।

### ଚାଷୀଙ୍କୁ ମିଳୁନି ଧାନବିକ୍ରି ଟଙ୍କା

**ଲାଠୋର,୨୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଝର ପଞ୍ଚାୟତ ଅଧୀନ ସାନଗୁର୍ଜିଭଟା ଗ୍ରାମର ଚାଷୀ ସୁରେଶ କୁମୁରାଙ୍କୁ ଧାନ ବିକ୍ରି ଟଙ୍କା ମିଳୁନାହିଁ। ୨୦୨୨ ମସିହା ଖରିଫ ଧାନ ବିକ୍ରି ପାଇଁ ସୁରେଶଙ୍କୁ ଟୋକନ ମିଳିଥିଲା। ୨୦୨୩ ଜାନୁୟାରୀ ୧୩ତାରିଖରେ ଲାଠୋର ପାକ୍ସରେ ସେ ୬୩ କୁଇଣ୍ଟାଲ ୫୭ କେଜି ଧାନ ବିକ୍ରି କରିଥିଲେ। ବିକ୍ରି ବାବଦ ଟଙ୍କା ତାଙ୍କ ୟୁନିୟନ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ ପାସ୍‌ବହିର ନକଲ ଦେଇଥିଲେ। ହେଲେ ଟଙ୍କା ଜମା ହେବା ଡ଼େରି ହେବାରୁ ସେ ପାକ୍ସ ସମ୍ପାଦକଙ୍କୁ ସାକ୍ଷାତ କରିଥିଲେ। ଜମା ପାସ୍‌ବହିର ଆଇଏଫଏସସି କୋର୍ଡ ନମ୍ବର ଭୁଲଥିବା ଥିବା କାଗଜାତ୍ ତନଖି ବେଳେ ଜଣା ପଡିଥିଲା। ପରେ ସେହି ନମ୍ବରକୁ ସଂଶୋଧନ କରି ତାର ନକଲ ପାକ୍ସରେ ୨୦ଜାନୁୟାରୀ ୨୦୨୩ରେ ଜମା କରିଥିଲେ। ହେଲେ ଜମା କରିବାର ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ତାଙ୍କ ପାସବହିରେ ଧାନ ବିକ୍ରି ଟଙ୍କା ଜମା ହୋଇନାହିଁ ଏ ନେଇ ଲାଠୋର ପାକ୍ସ ସମ୍ପାଦକ ଜଗଦୀଶ ରଣାଙ୍କୁ ପଚାରିବାରୁ ସମ୍ପୃକ୍ତ ଚାଷୀ ଦେଇଥିବା ବ୍ୟାଙ୍କ ପାସ୍‌ବହିରେ ତ୍ରୁଟି ରହିଥିବା ଯୋଗୁଁ ଟଙ୍କା ଜମା କରିବାରେ ବିଳମ୍ବ ହୋଇଛି। ଖୁବ୍‌ଶୀଘ୍ର ତାଙ୍କ ଟଙ୍କା ଜମା କରାଯିବ ବୋଲି କହିଥିଲେ।

### ସ୍କୁଲ ରୂପାନ୍ତରୀଣ କାମର ପ୍ରାପ୍ୟ ଦାବି କଲେ ଠିକାଦାର

**ଲୋଇସିଂହା,୨୩।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର କେତେକ ହାଇସ୍କୁଲ ୫ଟିରେ ରୂପାନ୍ତରଣ କାମ ଚାଲିଛି। ହେଲେ କାମ କରୁଥିବା ଠିକାଦାରଙ୍କୁ ଠିକ ସମୟରେ ପ୍ରାପ୍ୟ ମିଳୁନାହିଁ। ପ୍ରାପ୍ୟ ଦାବିରେ ବିଡିଓ ଆକାଶ ରଞ୍ଜନ ସାହୁଙ୍କ ନିକଟରେ ଫେରାଦ ହୋଇଥିଲେ ଠିକାଦାରମାନେ। ବ୍ଲକ ଅଧୀନ ଲୋଇସିଂହା, ହୀରାପୁର, ବାଦିବାହାଲ, ରେଙ୍ଗାଲି, ରତାଖଣ୍ଡି, ବୁରୋମୁଣ୍ଡା, ତଲିଉଡାର, କୁଟୁରାପାଲି ଓ ଝାରମୁଣ୍ଡା ହାଇସ୍କୁଲ ୫ଟି ରୂପାନ୍ତରଣରେ ସାମିଲ କରାଯାଇ କାମ ଚାଲିଛି। ଏଥିପାଇଁ ଠିକାଦାରଙ୍କୁ ଲକ୍ଷାଧିକ ଟଙ୍କା ବ୍ୟୟ କରିବାକୁ ପଡୁଛି। ହେଲେ ଠିକଣା ସମୟରେ ବିଲ୍ ହେଉ ନ ଥିବାରୁ କାମର ଅଗ୍ରଗତି ହେଉନାହିଁ। ଅପରପକ୍ଷେ ପ୍ରଶାସନ ତରଫରୁ ଠିକଣା ସମୟରେ କାମ କରିବାକୁ ତାଗିଦ୍ କରାଯାଉଛି। ଅର୍ଥାଭାବରୁ ସାମଗ୍ରୀ କିଣିବା ଏବଂ ଶ୍ରମିକ ପାଉଣା ଦେବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଠିକାଦାର ଛୋଟୁ ଅଗ୍ରୱାଲ, ଉତ୍ତମ ବାଟ, ମଣ୍ଟୁ ସାହୁ, ରାଜ ସ୍ୱାଇଁ ପ୍ରମୁଖ ଅଭିଯୋଗ କରିଛନ୍ତି। ବିଡିଓ ସାହୁ କହିଛନ୍ତି ଠିକାଦାରମାନେ ତାଙ୍କୁ ଭେଟିଥିଲେ। କେଉଁ ସ୍କୁଲରେ କେତେ କାମ ସରିଛି ଲେଖିକରି ଦେବାକୁ କୁହାଯାଇଛି। ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀଙ୍କ ମେଜେରମେଣ୍ଟ ଅନୁଯାୟୀ ବିଲ୍ ପ୍ରଦାନ କରାଯାଉଛି। କାହାର ବିଶେଷ ବିଲ ବକେୟା ନାହିଁ ବୋଲି ସେ କହିଥିଲେ।

# ୬୧ ବର୍ଷ ପରେ ଖୋଲିଲା ପିଜି

**ବଲାଙ୍ଗୀର ଅଫିସ, ୨୩।୨**

**ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ**

- ଖୋଲିଲା ଓଡିଆ, ଇତିହାସ, ସଂସ୍କୃତ ବିଷୟରେ ପିଜି
- ୨୦୨୩-୨୪ ଶିକ୍ଷାବର୍ଷରୁ ଆରମ୍ଭ ହେବ ପାଠପଢ଼ା

ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ନାତକୋତ୍ତର (ପିଜି) ବିଭାଗ ଖୋଲିଛି। ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଘୋଷଣା କରାଯାଇଛି। ସରକାରୀ ବିଭାଗୀୟ ଚିଠି ସଂଖ୍ୟା ୭୭୭୬/ଏଚ୍‌ଇ/୨୨/୨/୨୦୨୩ ଜରିଆରେ ଏନେଇ ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସୂଚନା ଦିଆଯାଇଛି। ପ୍ରଥମ ଥର ପାଇଁ ତିନୋଟି ବିଷୟରେ ପିଜି ପାଠ୍ୟକ୍ରମ ଖୋଲିବାକୁ ଅନୁମତି ଦିଆଯାଇଛି। ଓଡିଆ, ଇତିହାସ ଏବଂ ସଂସ୍କୃତ ବିଷୟରେ ୩୨ଟି ଲେଖାଏ ସିଟ୍‌ରେ ପିଜି ପାଠ୍ୟକ୍ରମ ଚଳିତ ଶିକ୍ଷାବର୍ଷ ୨୦୨୩–୨୪ରୁ ଆରମ୍ଭ ହେବ। ଏହି ଅନୁମତି ନେଇ କଲେଜ ଅଧ୍ୟକ୍ଷଙ୍କ ପାଖକୁ ବିଧିବଦ୍ଧ ସରକାରୀ ଚିଠି ଆସିଯିବା ପରେ କଲେଜ ଛାତ୍ରୀ, ଅଧ୍ୟାପକ ଏବଂ ଅଭିଭାବକ ମହଲରେ ଖୁସିର ଲହରି ଖେଳିଯାଇଛି। ଏହି କଲେଜରେ ପିଜି ପାଠ୍ୟକ୍ରମ ଚଳିତ ଶିକ୍ଷାବର୍ଷରୁ ଆରମ୍ଭ କରାଯିବା ପରେ ଏଠାରେ ଛାତ୍ରୀମାନେ ସ୍ନାତକୋତ୍ତର ପାଠ ପଢ଼ିପାରିବେ। ଏନେଇ କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ରଙ୍କୁ ପଚରାଯିବାରୁ ଚଳିତ ଶିକ୍ଷାବର୍ଷରୁ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଓଡିଆ, ଇତିହାସ ଏବଂ ସଂସ୍କୃତ ତିନି ବିଷୟରେ ପିଜି ପାଠ ପଢ଼ା ପାଇଁ ଅନୁମତି ମିଳିଥିବା କହିଛନ୍ତି। ଦୀର୍ଘଦିନରୁ ଏହି ଦାବି ହୋଇଆସିଥିଲା। ଏବେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁମତି ଦେଇଥିବାରୁ ସେ କୃତଜ୍ଞତା ଜଣାଇବା ସହ ଏହାଦ୍ୱାରା ଛାତ୍ରୀମାନେ ଉପକୃତ ହେବେ ବୋଲି କହିଛନ୍ତି।

୧୯୬୨ ମସିହାରେ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ଦୀର୍ଘ ୬୧ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ଜିଲା ମୁଖ୍ୟ ସଦର ମହକୁମାରେ ଥିବା ରାଜ୍ୟର ଅନ୍ୟତମ ପୁରୁଣା ମହିଳା ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଖୋଲାଯାଇ ନ ଥିଲା। ଦୀର୍ଘଦିନରୁ ଏଠାରେ ପିଜି ପାଠ୍ୟକ୍ରମ ଖୋଲାଯିବାକୁ ଦାବି ହୋଇଆସୁଥିଲେ ମଧ୍ୟ ଉଚ୍ଚଶିକ୍ଷା ବିଭାଗ ଏହି ମହାବିଦ୍ୟାଳୟରେ ଖୋଲି ନ ଥିଲେ। ଏବେବି ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ଅନେକ ବିଭାଗରେ ଅଧ୍ୟାପକ ପଦବୀ ଖାଲି ରହିଛି। ଏଦିଗରେ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଉଚିତ୍ ପଦକ୍ଷେପ ଗ୍ରହଣ କରି ତୁରନ୍ତ ପଦବୀ ପୂରଣ କରିବାକୁ ଦାବି କରାଯାଇଛି। ନାରୀ ଶିକ୍ଷା ଉପରେ ପ୍ରାଥମିକତା ଦିଆଯାଉଥିବାବେଳେ ଏଠାରେ ବିଭିନ୍ନ ବିଭାଗରେ ଅଧ୍ୟାପକ ନାହାନ୍ତି। ଅନେକ ବିଭାଗରେ ଅତିଥି ଅଧ୍ୟାପକରେ ପାଠ ପଢ଼ା ହେଉଛି। ସରକାରୀ ମହିଳା ମହାବିଦ୍ୟାଳୟ ଯୁକ୍ତ୨ ବିଜ୍ଞାନ ମହାବିଦ୍ୟାଳୟରେ ବିନା ଅଧ୍ୟାପକରେ ବର୍ଷ ବର୍ଷ ଧରି ପିଲାମାନେ ପାଠ ପଢୁଛନ୍ତି। ବିଜ୍ଞାନ ଭଳି ବିଷୟ କାମ ଚଲା ନୀତିରେ ଅତିଥି ଅଧ୍ୟାପକରେ ଚାଲିଛି। କଲେଜ ତରଫରୁ ବାରମ୍ବାର ଅଧ୍ୟାପକ ପଦବୀ ପୂରଣ କରିବାକୁ ଦାବି କରାଯାଉଥିଲେ ମଧ୍ୟ କର୍ଣ୍ଣପାତ କରାଯାଉନାହିଁ। ଏବେ ଦୀର୍ଘ ୬୧ ବର୍ଷ ପରେ ଏହି ମହାବିଦ୍ୟାଳୟରେ ସ୍ନାତକୋତ୍ତର ବିଭାଗ ଖୋଲିବାକୁ ନେଇ ଛାତ୍ରୀମାନେ ଖୁସିବ୍ୟକ୍ତ କରିଛନ୍ତି। ହେଲେ ଅଧ୍ୟାପକ ପଦବୀ କେବ ପୂରଣ ହେବ ଏବଂ ଅନ୍ୟ ବିଷୟରେ ପିଜି ଖୋଲିବାକୁ ଆଉ କେତେ ସମୟ ଲାଗିବ ତାକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

## ଆଶାକର୍ମୀ ସଂଘର ବୈଠକ



ବୈଠକରେ ଉପସ୍ଥିତ ଆଶାକର୍ମୀମାନେ।

**ଲୋଇସିଂହା,୨୩।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ରାମ ମନ୍ଦିର ପରିସରରେ ନିଖିଳ ଓଡିଶା ଲୋଇସିଂହା ବ୍ଲକ ଆଶାକର୍ମୀ ସଂଘର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାନେତ୍ରୀ ମାଧବୀ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦିକା କଲ୍ୟାଣୀ ସାହୁ ଆସନ୍ତା ୨୭ ତାରିଖରେ ବଲାଙ୍ଗୀରରେ ବିକ୍ଷୋଭ କାର୍ଯ୍ୟକ୍ରମ ରହିଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ସଭାପତି ତୀର୍ଥ ପଧାନ, ସମ୍ପାଦିକା ଓମି ଗୁପ୍ତା ଅତିଥିଭାବେ ଯୋଗଦେଇଥିଲେ। ଆଶାକର୍ମୀଙ୍କ ସୁବିଧା ସୁଯୋଗ ପାଇଁ ସଂସଦୀୟ କମିଟିର ସୁପାରିଶକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ୨୦୧୧ରେ ନିର୍ଦ୍ଦେଶନାମା ଦିଆଯାଇଥିଲେ ମଧ୍ୟ ବହୁ ଦାବି ପୂରଣ କରାଯାଇନାହିଁ। ଏହାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଷ୍ଟାଣ୍ଡି କମିଟିର ସୁପାରିଶ ଥିଲେ ମଧ୍ୟ ଦଶବର୍ଷର ଅଭିଜ୍ଞତା ଥିବା କର୍ମୀଙ୍କୁ ଏଏନଏମ ପଦୋନ୍ନତି, ଶିକ୍ଷାଗତ ଯୋଗ୍ୟତା ଓ ୫ ବର୍ଷର ଅଭିଜ୍ଞତା ଥିବା ଆଶାକର୍ମୀଙ୍କୁ ନର୍ସିଂ ସ୍କୁଲ ଓ କଲେଜରେ ତାଲିମ ପାଇଁ ୧୦ଭାଗ ସଂରକ୍ଷିତ ରଖିବା ସହ ବର୍ତ୍ତମାନ ନିର୍ଦ୍ଦେଶନାମାକୁ ପ୍ରତ୍ୟାହାର କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ଜାତୀୟ ଶ୍ରମ ସମ୍ମିଳନୀ ନିଷ୍ପତ୍ତି ଅନୁସାରେ ଆଶାକର୍ମୀଙ୍କୁ କର୍ମଚାରୀ ମାନ୍ୟତା, ମାସିକ ଭତ୍ତା ସହ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ, ଅବସରକାଳୀନ ସମୟ ୬୫ ବର୍ଷକୁ ବୃଦ୍ଧି, ମୃତ୍ୟୁକାଳୀନ ସହାୟତା ରାଶି ୨ରୁ ୫ ଲକ୍ଷକୁ ବୃଦ୍ଧି, ଅବସର ପରେ ପେନସନ ମାସକୁ ୩ ହଜାର ଟଙ୍କା, କଣ୍ଟିଜେନ୍ସି ବାବଦକୁ ବର୍ଷକୁ ୧୦ ହଜାର ଟଙ୍କା ଏବଂ ଦୁଇ ବର୍ଷରେ ଥରେ ସାଇକେଲ ପ୍ରଦାନ, ସ୍ମାର୍ଟ ଫୋନ ବ୍ୟବସ୍ଥା କରିବାକୁ ସଂଘ ଦାବି କରି କରିଛି।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ



ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥି।

**କଣ୍ଟାବାଞ୍ଜି, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଖଗସା ପଞ୍ଚାୟତ ଅଧୀନ ସାଲେପଡା ସରକାରୀ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ କୌଶିକ ମେହେର, ଶିଶୁ ସାହିତ୍ୟିକ ବିରଞ୍ଚି ନାରାୟଣ ଦାସ ମୁଖ୍ୟବକ୍ତା, ସନ୍ୟାସୀ ମହଲା ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଏହି ଅଞ୍ଚଳରେ ଶିକ୍ଷାର ବିସ୍ତାର କରିବାରେ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି। ଏହି ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ପିଲା ଆଜି ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି। ଏଥିରୁ ଅନୁପ୍ରେରଣିତ ହୋଇ ଛାତ୍ରୀଛାତ୍ରମାନେ ଆଗକୁ ବଢନ୍ତୁ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ସିପକା ସଭାରେ ସଭାପତିତ୍ୱ କରିଥିଲେ। ପ୍ରଧାନଶିକ୍ଷକ ସୂର୍ଯ୍ୟକାନ୍ତ ରଣା ସ୍ୱାଗତ ଭାଷଣ, ସିଆରସିସି ଧନସିଂ ମାଝି ମଞ୍ଚ ପରିଚାଳନା କରିଥିଲେ। ସଭା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥଇଲା। ବୁଧବାର ଉତ୍ସବ ଉଦ୍‌ଘାଟନ ପୂର୍ବରୁ ଗ୍ରାମର ଅଧିଷ୍ଠାତ୍ରୀ ଦେବୀଙ୍କୁ ଗୌନ୍ତିଆ ବ୍ରଜ କିଶୋର ମାହାର ପୂଜାର୍ଚ୍ଚନା କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଗ୍ରାମ ପରିକ୍ରମା କରିଥିଲେ। ପରେ ଖଗସା ସରପଞ୍ଚ ଶାନ୍ତି ତାଣ୍ଡି ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନୀ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜେନ୍ଦ୍ର ସିପକା ସଭାରେ ଅଧ୍ୟକ୍ଷତା କରିଥିଲେ।

## ଟିଟିଲାଗଡ଼ ପୋଲିସ ସମିତି ବୈଠକ

**ଟିଟିଲାଗଡ଼, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ପୋଲିସ ପକ୍ଷରୁ ଗୁରୁବାର ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଟିଟିଲାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ବୀରବର ସାହୁ, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ଲୁଥୁରବନ୍ଧ ସମିତି ସଭ୍ୟ ସୀମାଞ୍ଚଳ ବେହୁଆ, ସୁଧିର ଦାଶ ଯୋଗଦେଇଥିଲେ। ସହରର ବିଭିନ୍ନ ରାସ୍ତା ଜବରଦଖଲ କରି ଲୋକେ ଘର ନିର୍ମାଣ କରିଥିବା ବେଳେ ସେମାନଙ୍କ ଚାରିଚକିଆ ଯାନ ପାର୍କିଂ କରୁଛନ୍ତି। ସହର ମଧ୍ୟରେ ଅନେକ ଦୋକାନ ଗୃହ, ବ୍ୟାଙ୍କ ପ୍ରତିଷ୍ଠାନ ମିଥ୍ୟା ପାର୍କିଂ ସ୍ଥଳ ନକ୍ସା ଦେଇ ଟ୍ରେଡ ଲାଇସେନ୍ସ ନେଇଥିବା ବେଳେ ଗ୍ରାହକ ନିଜ ଯାନବାହାନ ରାସ୍ତା କଡରେ ପାର୍କିଂ କରିବାକୁ ବାଧ୍ୟ ହେଉଛନ୍ତି। ଏନେଇ ପ୍ରଶାସନ ଦୃଷ୍ଟି ନଦେବା ନେଇ ସହରରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଥିବା ନାଗରିକ ଅଭିଯୋଗ କରିଛନ୍ତି। ରାତ୍ରୀ ୧ଟା ପର୍ଯ୍ୟନ୍ତ ବାହାଘର ବ୍ୟାଣ୍ଡ ପାର୍ଟି, ଡିଜେ ସାଉଣ୍ଡ ଯୋଗୁ ବୃଦ୍ଧାବୃଦ୍ଧ, ଶିଶୁ, ରୋଗୀଙ୍କ ପାଇଁ ସମସ୍ୟା ହେଉଛି। ଅନେକ ମାଲବୁହା ସମେତ ଅନ୍ୟ ହାଲୁକା ଯାନରେ ପ୍ରେସ ଲେଖି ବ୍ୟବସାୟୀ ନିଜ କାରବାର ସୁରୁଖୁରୁରେ ଚଳାଇଥିବା ବଲାଙ୍ଗୀର ଜିଲା ସାମ୍ବାଦିକ ସଂଘ ଟିଟିଲାଗଡ ଶାଖା ସମ୍ପାଦକ ସଞ୍ଜୟ ବେହେରା ଅଭିଯୋଗ ଆଣିଥିଲେ। ବୁଲେଟ ଗାଡିର ସାଇଲେନ୍ସରରେ କାନଫଟା ଶବ୍ଦ, ସହର ଭିତରେ ବାଇକରଙ୍କ ତୀବ୍ର ଗତିରେ ଗାଡି ଚାଳନା ନେଇ ଅଭିଯୋଗ ହୋଇଥିଲା। ରାଧାକୃଷ୍ଣ ମନ୍ଦିର ଭୂତଳ ପୋଲରେ ୱାନ ୱେ ବ୍ୟବସ୍ଥା, ଆଇ ଲଭ ଟିଟିଲାଗଡ ପାର୍କରେ ସନ୍ଧ୍ୟା ସମୟରେ ପୋଲିସ ନିୟୋଜନ ଆଦି ଅଭିଯୋଗ ହୋଇଥିଲା। ରାଜୁ ମିଶ୍ର, ପୂର୍ବତନ ପୌରାଧକ୍ଷ ଗୋବର୍ଦ୍ଧନ ନାଗ, ବ୍ୟବସାୟୀ ସଂଘ ସଭାପତି ଶମ୍ଭୁପ୍ରସାଦ ଗୋୟଲ, ଉପସଭାପତି ମନୀଷ ଗୁପ୍ତା, ରାଜେଶ ପ୍ରଧାନ, କୃଷ୍ଣଚନ୍ଦ୍ର ସରାଫ, ହରିନାରାୟଣ ମିଶ୍ର, ବ୍ଲକ ସରପଞ୍ଚ ସଂଘ ସମ୍ପାଦକ ନରେଶ ଅଗ୍ରୱାଲ, ବ୍ଲକ କଂଗ୍ରେସ ସଭାପତି ବିକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ଧ୍ରୁବଲେଶ୍ୱର ଦଲବେହେରା, ବୈକୁଣ୍ଠ ନାଗ, ମଣ୍ଟୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏସଆଇ ପ୍ରଦୀପ ଦୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ତାଲିମ ଶିବିର, ମାଟି ପରୀକ୍ଷାକୁ ଗୁରୁତ୍ୱ



ଶିବିରରେ ଉପସ୍ଥଇତ କୃଷିମିତ୍ର ଓ ଅଗ୍ରଣୀ ଚାଷୀ।

**ଖପ୍ରାଖୋଲ, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତାଲିମ ଗୃହଠାରେ କୃଷି ବିଭାଗ ତରଫରୁ କୃଷକ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ତାଲିମଦାତାଭାବେ ଜିଲା ମୃତ୍ତିକା ବିଶେଷଜ୍ଞ ତଥା ସ୍ୱତନ୍ତ୍ର କପା ଚାଷ ବିଶେଷଜ୍ଞ ବିଶ୍ୱମ୍ଭର ସାହୁ, ପାଟଣାଗଡ କୃଷି ଜିଲା ଅଧିକାରୀ ବାବୁଲି ଚରଣ ସେଠୀ, ଏଫଇଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ ଯୋଗଦେଇ ବିଭିନ୍ନ ଫସଲ ଚାଷ ସହ କପା ଚାଷରେ ରୋଗ ପୋକ ନିୟନ୍ତ୍ରଣ ଓ ବିକ୍ରି ଉପରେ ଆଲୋଚନା ହୋଇଥିଲା। ସେହିପରି ଚାଷ ପାଇଁ ମାଟି ପରୀକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏଥିସହ ମାଟିର ସ୍ୱାସ୍ଥ୍ୟ ସୁରକ୍ଷା, ଜୈବିକ କୃଷି, ସବୁଜ ଖତ ପ୍ରସ୍ତୁତି, ମାଟିର ଜୈବିକ ଉପାଦାନ ବୃଦ୍ଧି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ କୃଷିମିତ୍ର, ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। ଶେଷରେ ୱାଇସିଡିଏ ବ୍ଲକ ସଂଯୋଜକ ହେମବତୀ ନନ୍ଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ବଲାଙ୍ଗୀର ଅଫିସ, ୨୩।୨**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମ ସ୍ଥିତ ହାୱା ଗାର୍ଡେନ ଖେଳପଡିଆରେ ଜିଲାସ୍ତରୀୟ ଖେଳ ପ୍ରତିଯୋଗିତା ନେହେରୁ ଯୁବକେନ୍ଦ୍ର ସହାୟତାରେ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଆନୁକୂଲ୍ୟରେ ଗୁରୁବାର ଆରମ୍ଭ ହୋଇଛି। ମୁଖ୍ୟଅତିଥି ଗୋବିନ୍ଦ ମିଶ୍ର, ସମ୍ମାନିତ ଅତିଥି ସୁଧୀର ନାଏକ, ଅକ୍ଷୟ ଧରୁଆ, ପ୍ରମୋଦ କର୍ମୀ ଖେଳକୁ ଉଦ୍‌ଘାଟନ କରିଥିଲେ। ଫୁଟବଲ ଖେଳରେ ଚାରିଟି ଦଳ ହର୍ଡାଟାଲ, ବରକାନି, ବାରପୁଡୁଗିଆ, ପରଧିଆପାଲି ଅଂଶଗ୍ରହଣ କରିଥିଲେ। ଲମ୍ଫଡିଆ, ଉଚ୍ଚଡିଆ, ଭଲିଭଲ ଖେଳ, ୧୦୦ମି ଦୌଡ, ୨୦୦ ମି. ଦୌଡ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଗ୍ରାମାଞ୍ଚଳର ଅନେକ ଖେଳାଳି ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ପାଇବେ। ଅନୁଷ୍ଠାନ ସଭାପତି ଜୟକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ସଦାନନ୍ଦ ମହଲା, ରଞ୍ଜନ ଭୋଇ, ବିଜୟ ମହଲା, ଲବ ନାଗ, ସରୋଜ ନାଏକ, ସଞ୍ଜୟ ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ସଚେତନତା



ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ସୁରକ୍ଷା ସଚେତନତା କରାଯାଉଛି।

**ଖପ୍ରାଖୋଲ, ୨୩।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ହରିଶଙ୍କର ବନାଞ୍ଚଳ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଆଁଦାଉରୁ ଜଙ୍ଗଲ ସୁରକ୍ଷା ଉପରେ ସଚେତନା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛଞ୍ଜନବାହାଲି, ଦୁଦୁମଦର୍ହା, ସିନ୍ଧବାହାଲି, କର୍ଲାମାଲ, ଗୁଣ୍ଡୁରୁପାଲି, ଝାଲବାହାଲ ପ୍ରମୁଖ ଗାଁରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ହରିଶଙ୍କର ରେଞ୍ଜ ଅଧିକାରୀ ଗିରିଧାରୀ ନାଗ, ହରିଶଙ୍କର ବନପାଳ ସନ୍ଧ୍ୟାରାଣୀ ସେଠ, ଖପ୍ରାଖୋଲ ବନପାଳ ସୁଧୀର କୁମାର ଜେନା, ରେଙ୍ଗାଲି ବନପାଳ ଘାସୀରାମ ଦୀକ୍ଷିତ, ଧଣ୍ଡାମୁଣ୍ଡା ବନପାଳ ଅରବିନ୍ଦ ଧରୁଆ, ବନରକ୍ଷୀ ସଞ୍ଜୀବ ପ୍ରଧାନ, ଆମଜଙ୍ଗଲ ଯୋଜନାର ତହସିଲ ବାଗ, ଅଗ୍ନି ନିର୍ବାପକ ସ୍କ୍ୱାଡ ସଦସ୍ୟ ଉପସ୍ଥିତ ଥିଲେ।

## ଅନାଥ ଆଶ୍ରମରେ ଜନ୍ମଦିନ ପାଳିଲେ ବ୍ଲକ ଅଧ୍ୟକ୍ଷ

**ଗୋଲାମୁଣ୍ଡା,୨୩।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ନିଆରେ ଢଙ୍ଗରେ ନବଜୀବନ ଅନାଥ ଆଶ୍ରମରେ ଶିଶୁମାନଙ୍କ ସହିତ ଜନ୍ମଦିନ ପାଳନ କରିଛନ୍ତି। ଅନାଥ ଆଶ୍ରମରେ ୫୦ଜଣ ଶିଶୁ ପାଠ ପଢୁଥିବା ବେଳେ ସମସ୍ତଙ୍କ ପାଇଁ ଖାତା, କଲମ ଓ ପେନସିଲ ଦେବା ସହ ଭୋଜନ ବ୍ୟବସ୍ଥା ମାଧ୍ୟମରେ କେକକାଟି ଜନ୍ମ ଦିନ ପାଳନ କରିଥିଲେ। ଜନ୍ମଦିନ ପାଳନରେ ଅଧ୍ୟକ୍ଷଙ୍କ ସ୍ତ୍ରୀ ମୀନା ମହାନନ୍ଦ, ସରପଞ୍ଚ ସଂଘ ସଭାପତି ପୁରୁଷୋତ୍ତମ ରାଉତ, ମାନଝରୀ ସରପଞ୍ଚ ଜଗୁଜୀବନ ଅଗ୍ରିଆ, ଗୋଲାମୁଣ୍ଡା ସମିତି ସଭ୍ୟା ବନିତା ନାଏକ, ବିଳାସିନି ମହାନନ୍ଦ, ଟେକଚନ ଛତ୍ରିଆ, ଆକାଶ କୁମାର ଜଗତ, ସମସ୍ତ କୁନିକୁନି ଶିଶୁଙ୍କ ସମେତ ଆଶ୍ରମ ପ୍ରତିଷ୍ଠାତା ରାମବିଳାସ ସାଗର ପ୍ରମୁଖ ଉପସ୍ଥିତ ରହିଥିଲେ।



ଅନାଥ ଆଶ୍ରମରେ ଶିଶୁମାନଙ୍କ ସହିତ ବ୍ଲକ ଅଧ୍ୟକ୍ଷ ଏବଂ ଅନ୍ୟମାନେ।

# ଶିକ୍ଷକ ନିଯୁକ୍ତି ପରେ ଖୋଲିଲା ତାଲା

**ସିନାପାଲି,୨୩।୨(ଡି.ଏନ.ଏ.)**





**ଫୁରସୁଣ୍ଡ ସ୍କୁଲରେ ଶିକ୍ଷକ ଅଭାବ**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଘୁଚାଗୁଡା ପଞ୍ଚାୟତ ଫୁରସୁଣ୍ଡ ୟୁପି ସ୍କୁଲରେ ଶିକ୍ଷକ ନିଯୁକ୍ତି ଆନ୍ଦୋଳନ ଜାରି ରହିଥିବା ବେଳେ ଗୁରୁବାର ତୃତୀୟ ଦିନରେ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ତାଲା ଖୋଲି ପାଠପଢା ଆରମ୍ଭ ହୋଇଥିବା ଜଣାପଡିଛି। ଗୁରୁବାର ୨ଜଣ ନୂତନ ଶିକ୍ଷକ ଯୋଗଦେଇଥିବା ବେଳେ ଆସନ୍ତା ଏକ ମାସ ମଧ୍ୟରେ ପୁଣି ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ପରେ ଛାତ୍ରୀଛାତ୍ର ଓ ଅଭିଭାବକ ଧାରଣାରୁ ଉଠିଥିଲେ। ଗତ ମଙ୍ଗଳବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶିକ୍ଷକ ନିଯୁକ୍ତି ଦାବି ନେଇ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦାବି ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ। ବୁଧବାର ଖବର ପାଇ ବିଭାଗୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳଙ୍କାରୀଙ୍କୁ ବୁଝାଶୁଝା କରିଥିଲେ। ଆଲୋଚନା ବିଫଳ ହେବାରୁ ଫେରିଯାଇଥିଲେ। ଗୁରୁବାର ପୁଣି ବିଭାଗୀୟ ଅଧିକାରୀ ରୁଦରେଶ୍ୱର ମେହେର, ପ୍ରଭାତ ପାତ୍ର, ମହେଶ୍ୱର ଗୁଆଲ ପ୍ରମୁଖ ବିଦ୍ୟାଳୟରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଶିକ୍ଷକ ପଦବୀ ପୂରଣ ର ପ୍ରତିଶ୍ରୁତି ପରେ ଧାରଣରୁ ଉଠି ବିଦ୍ୟାଳୟ ଖୋଲାଯାଇଥିଲା। ବର୍ତ୍ତମାନ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଠପଢା ପ୍ରତି ବିଶେଷ ଦୃଷ୍ଟି ଦେଇ ବିଭାଗୀୟ ଅଧିକାରୀ ଶିକ୍ଷକ ନିଯୁକ୍ତି କରିବା ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## କାର୍ ଦୁର୍ଘଟଣାଗ୍ରସ୍ତ, ୫ଗୁରୁତର

**ଲୋଇସିଂହା,୨୩।୨(ଡି.ଏନ.ଏ.):** ବଲାଙ୍ଗୀର-ବରଗଡ ୨୬ନଂ ଜାତୀୟ ରାଜପଥର ଲୋଇସିଂହା ଥାନା ସୀମାନ୍ତ ଫାସଡ ସୁକତେଲ ନଦୀ ପୋଲ ନିକଟରେ ଏକ କାର(ଓଡି୦୮କେ୮୦୯) ଗୁରୁବାର ଦୁର୍ଘଟଣାଗ୍ରସ୍ତ ହୋଇଛି। କାରରେ ଥିବା ମ୍ୟାନେଜର ସାହୁ, ତ୍ରିଲୋଚନ ମହାକୁଡଙ୍କ ସମେତ କଳାହାଣ୍ଡି ଜିଲା ମଦନପୁର ରାମପୁର ଅଞ୍ଚଳର ୫ ଜଣ ଯାତ୍ରୀ ଗରୁତର ହୋଇଛନ୍ତି। ଲୋଇସିଂହା ଅଗ୍ନିଶମ କର୍ମଚାରୀ ଗୁରୁତରଙ୍କୁ ଉଦ୍ଧାର କରି ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଥିଲେ।


ଗୁରୁବାର ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ଉଦେପୁର-ଦେଓଗାଁ ନିକଟ ମହାନଦୀ ଫେରିଘାଟରେ କାଠ ଡଙ୍ଗାରେ ବିପଦପୂର୍ଣ୍ଣ ଭାବେ ଯାତ୍ରୀ ପରିବହନ କରାଯାଉଛି ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଅମ୍ବାଭୋନା,୨୩।୨(ଡି.ଏନ.ଏ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୯ ଶିବିରାର୍ଥୀ ପଞ୍ଜୀକୃତ ହୋଇଥିଲେ। ଡା. ପ୍ରଭାତ କୁମାର ରାଉତ, ଡା. ରଞ୍ଜନ କୁମାର ଭୋଇ, ଡା. ରାମଗୋପାଳ ପାଣିଗ୍ରାହୀ, ଡା. ରାମପ୍ରସାଦ ସାହୁ, ନେପାଳ ଦୁଆନ ପ୍ରମୁଖ ଶିବିରାର୍ଥୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅମ୍ବାଭୋନା ବିଡ଼ିଓ ପ୍ରଣବ କୁମାର ଚାନ୍ଦ, ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲ, ସୂର୍ଯ୍ୟଦେବ ଦୋରା, ଟିକାରାମ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ସୁବର୍ଣ୍ଣପୁର ବନ୍ଦର ଆଂଶିକ ପ୍ରଭାବ

- ଠିକା ସଫେଇ କର୍ମଚାରୀଙ୍କ ୧୨ଘଣ୍ଟିଆ ବନ୍ଦ
- ୨୭ ଆନ୍ଦୋଳନକାରୀ ଗିରଫ

**ସୋନପୁର,୨୩।୨(ନି.ପ୍ର.)**


ବନ୍ଦକୁ ସମର୍ଥନ କରି ଭୀମ ଆର୍ମି ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି ।

ପୌର ପରିଷଦ ପକ୍ଷରୁ କାମ ଯୋଗାଇ ଦେବା ଦାବିରେ ସହରର ଠିକା ସଫେଇ କର୍ମଚାରୀମାନେ ଗୁରୁବାର ସୁବର୍ଣ୍ଣପୁର ବନ୍ଦ କରିଥିଲେ। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସହରରେ ଏହି ବନ୍ଦ ପଳନ କରାଯାଇଥିଲା। ସଫେଇ କର୍ମଚାରୀମାନେ ସକାଳେ ସହରର ପ୍ରବେଶ ପଥ କୁଞ୍ଜ ଛକଠାରେ ରାସ୍ତାରୋକୋ କରିଥିଲେ। ତେବେ ପୋଲିସ ଆନ୍ଦୋଳନକାରୀଙ୍କୁ ରାସ୍ତାରୁ ଉଠାଇ ନେଇଥିଲା। ୨୭ ଜଣ ସଫେଇ କର୍ମଚାରୀଙ୍କୁ ପୋଲିସ ପ୍ରତିଷେଧକମୂଳକ ପଦକ୍ଷେପ ସ୍ୱରୂପ ଗିରଫ କରିଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରର ମୁଖ୍ୟ ସ୍ଥାନମାନଙ୍କରେ ୩ଜଣ ଡିଏସ୍‌ପି, ୪ଜଣ ଇନ୍ସପେକ୍ଟର ଓ ଏକ ପ୍ଲାଟୁନ ପୋଲିସ ଫୋର୍ସଙ୍କୁ ମୁତୟନ କରାଯାଇଥିଲା। ବନ୍ଦର ଆଂଶିକ ପ୍ରଭାବ ଦେଖିବାକୁ ମିଳିଥିଲା। ବସ୍‌ଷ୍ଟାଣ୍ଡକୁ କେବଳ ଗୋଟିଏ ଦୁଇଟି ଯାତ୍ରୀବାହୀ ବସ୍ ଆସିଥିଲା। ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥରେ ଭାରୀ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। କେବଳ କାର ଓ ଟ୍ୟାକ୍ସି ଭଳି ଛୋଟ ଯାନବାହାନ ଚଳାଚଳ କରୁଥିଲା। ସରକାରୀ, ବେସରକାରୀ କାର୍ଯ୍ୟାଳୟ, କୋର୍ଟ କଚେରି, ବ୍ୟାଙ୍କ ଓ ଡାକ ଘର ଖୋଲାଥିଲା। ସ୍କୁଲ, କଲେଜ ଖୋଲାଥିଲେ ହେଁ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହ୍ରାସ ପାଇଥିଲା। ସୁବର୍ଣ୍ଣପୁର ସହରରେ ୭୦ ପ୍ରତିଶତ ବ୍ୟାବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ବନ୍ଦକୁ ସମର୍ଥନ କରି ଭୀମ ଆର୍ମି ଭାରତ ଏକତା ମଞ୍ଚ ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଅବରୋଧ କରି ଧାରଣା ଦିଆଯାଇଥିଲା। ଭୀମ ଆର୍ମି ଏକତା ମିଶନର ସମ୍ରାଟ ସୁରଜ, ଠିକା ସଫେଇ କର୍ମଚାରୀ ସଂଘର ଶତ୍ରୁଘ୍ନ ସୁନା, କାର୍ତ୍ତିକ କଂସାରୀ, ସୁନିଲ ଖପରଧୁଆ ଓ ଶିବରାଜ ସୁନାଙ୍କ ସମେତ ଶତାଧିକ କର୍ମଚାରୀ ଏହି ବନ୍ଦରେ ସାମିଲ ହୋଇଥିଲେ ।

ସନ୍ଧ୍ୟାରେ ଆନ୍ଦୋଳନକାରୀଙ୍କ ମଧ୍ୟରୁ ଏକ ୪ ଜଣିଆ ପ୍ରତିନିଧି ଦଳ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ସହିତ ଆଲୋଚନା କରିଥିଲେ। ଆନ୍ଦୋଳନକାରୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ। ପୂର୍ବରୁ ଭଲ କାମ କରୁଥିବା ସଫେଇ କର୍ମଚାରୀ ମାନେ ଯେତେବେଳେ ଚାହିଁବେ କାର୍ଯ୍ୟରେ ଯୋଗ ଦେଇପାରିବେ ବୋଲି ଜିଲାପାଳ କହିଥିଲେ। ସୂଚନାଯୋଗ୍ୟ ଗତ ୧୪ ବର୍ଷ ଧରି କିଛି କର୍ମଚାରୀ ବେସରକାରୀ ସଂସ୍ଥା ଅଧିନରେ ପୌରାଞ୍ଚଳରେ ସଫେଇ କାର୍ଯ୍ୟରେ ନିୟୋଜିତ ଥିଲେ। ଫେବୃୟାରୀ ୧ ତାରିଖରେ ବେସରକାରୀ ସଂସ୍ଥା ଓ ପୌର ପରିଷଦ ମଧ୍ୟରେ ସହରର ପରିମଳ ବ୍ୟବସ୍ଥାକୁ ନେଇ ହୋଇଥିବା ଚୁକ୍ତିକୁ ବାତିଲ କରାଯାଇଛି। ନୂତନ ଟେଣ୍ଡର ପ୍ରକାଶ ପାଇଥିଲେ ମଧ୍ୟ ପ୍ରକ୍ରିୟା ଚୂଡାନ୍ତ ହୋଇନାହିଁ। ଏଭଳି ସ୍ଥିତିରେ ଭଲ କାମ କରୁଥିବା ଠିକା ସଫେଇ କର୍ମଚାରୀଙ୍କୁ କାମରେ ଯୋଗଦେବା ପାଇଁ ପୌର ପ୍ରଶାସନ ପରାମର୍ଶ ଦେଇଛି। ମାତ୍ର ପୂର୍ବରୁ କାମ କରୁଥିବା ସମସ୍ତ ୧୦୧ ଜଣ ଠିକା କର୍ମଚାରୀ କାମ କରିବା ଦାବିରେ ସେମାନେ ଆନ୍ଦୋଳନ କରୁଛନ୍ତି। ସେହିପରି ପୌର ପରିଷଦର ନିର୍ବାହୀ ଅଧିକାରୀ ଠିକା କର୍ମଚାରୀଙ୍କ ପ୍ରତି ଜାତିଆଣ ଆକ୍ଷେପ କରିଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ପୌର ପରିଷଦ ଓ ସଫେଇ କର୍ମଚାରୀ ଏବେ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଏଭଳି ସ୍ଥିତିରେ ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି ।

## ସହରରେ ନାହିଁ ଦେୟମୁକ୍ତ ଶୌଚାଳୟ

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ ସହରରେ ଦେୟମୁକ୍ତ ଶୌଚାଳୟ ନାହିଁ। ଯେଉଁ କେତୋଟି ଅଛି, ତାହା ଅଚଳ ଏବଂ ଅପରିଷ୍କୃତ ଭାବେ ପଡ଼ି ରହିଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଗୁରୁବାର ଆମ୍ ଆଦମୀ ପାର୍ଟି (ଏଏପି) ମହିଳା ସଙ୍ଗଠନର ଏକ ପ୍ରତିନିଧି ଦଳ ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ (ଇଓ) ନାରାୟଣ ଦଣ୍ଡସେନାଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛି। ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ଶୌଚାଳୟ ଖୋଲିବାକୁ ଏଏପି ଦାବି କରିଛି । ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଦଳ ଚେତାବନୀ ଦେଇଛି ।

ବରଗଡ଼ ସହରର ମୁଖ୍ୟସ୍ଥାନ ଗାନ୍ଧୀଛକ, ଭଟଲି ଛକ, ଅମ୍ବାପାଲି ଛକ, ଲେଙ୍ଗୁ ମିଶ୍ର ଛକରେ ଶୌଚାଳୟ ବ୍ୟବସ୍ଥା ନାହିଁ। ସେହିପରି ସରକାରୀ ବସଷ୍ଟାଣ୍ଡରେ ରହିଥିବା ଶୌଚାଳୟ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଘରୋଇ ବସଷ୍ଟାଣ୍ଡରେ ମଧ୍ୟ ଅନୁରୂପ ସମସ୍ୟା ଉପୁଜିଛି। ଏଥିପାଇଁ ମହିଳାଙ୍କୁ ହଟହଟା ହେବାକୁ ପଡୁଛି। ଫଳରେ ସହରର ପ୍ରମୁଖ ସ୍ଥାନ ଗୁଡ଼ିକରେ ତୁରନ୍ତ ଶୌଚାଳୟ ବ୍ୟବସ୍ଥା କରିବାକୁ ଏଏପି ଦାବି କରିଛି। ଏଏପି ମହିଳା ସଙ୍ଗଠନର ସଭାନେତ୍ରୀ ମେରିୟମ ବାର୍ଲାଙ୍କ ନେତୃତ୍ୱରେ ମମତା ବେହେରା, ଗୋଲାପୀ ସୁନା ସ୍ମାରକପତ୍ର ପ୍ରଦାନ କରିଥିଲେ ।


ଶୌଚାଳୟ ଦାବିରେ ଇଓଙ୍କୁ ଫେରାଦ ହୋଇଥିବା ଏଏପି ମହିଳା ସଙ୍ଗଠନର ପ୍ରତିନିଧିବୃନ୍ଦ ।

## ନାଗରିକ କମିଟିର ମନ୍ତ୍ରୀଙ୍କୁ ଦାବିପତ୍ର

- ବାଘନଦୀର ଦକ୍ଷିଣ ପାର୍ଶ୍ୱ କେନାଲ ସହ ସାଲୁଙ୍କି କେନାଲର ସଂଯୋଗୀ କରଣ ଦାବି

**ବାଉଁଶୁଣୀ,୨୩।୨(ଡି.ଏନ.ଏ.)**

ବୌଦ୍ଧ ଜିଲାର ବାଉଁଶୁଣୀ ନାଗରିକ କମିଟି ପକ୍ଷରୁ ବୁଧବାର ବାଘନଦୀର ଦକ୍ଷିଣ ପାର୍ଶ୍ୱ କେନାଲ ସହ ଛେଳିବାହାଲି ନିକଟରେ ଥିବା ସାଲୁଙ୍କି କେନାଲର ସଂଯୋଗୀକରଣ ପାଇଁ ଜଙ୍ଗଲ ଓ ପରିବେଶ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମତାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କେନାଲ ସଂଯୋଗୀକରଣ ହେବା ଦ୍ୱାରା ବାଉଁଶୁଣୀ ପଞ୍ଚାୟତର ୧୩ ଖଣ୍ଡ ଗାଁ ଓ ଗୁଛାପଡା ପଞ୍ଚାୟତର ଦୁଇଟି ଗାଁର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ନାଗରିକ କମିଟିର ସଭାପତି ନାରାୟଣ ଦେହୁରୀ କହିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ ପ୍ରବୋଧ ରଥ, ପ୍ରକାଶ ମହାକୁଳ, ସଦାଶିବ ଦେହୁରୀ, ରଙ୍କନିଧି ଗାଇଗୌରିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ହନୁମାନ ମନ୍ଦିର ରୌପ୍ୟ ଜୟନ୍ତୀରେ ବିଶ୍ୱଶାନ୍ତି ମହାଯଜ୍ଞ


କର୍ତ୍ତାମାନେ କଳସ ଶୋଭାଯାତ୍ରାରେ ଆସୁଛନ୍ତି ।

**ଅତାବିରା,୨୩।୨(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ଏନ୍‌ଏସି ଅଧୀନ ଲାଦରପାଲି ସ୍ଥିତ ଶ୍ରୀ ଶ୍ରୀ ହନୁମାନ ମନ୍ଦିର ରୌପ୍ୟ ଜୟନ୍ତୀ ଉତ୍ସବ ଅବସରରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ଓ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଶ୍ରୀରାମ ମଠରୁ କଳସ ଶୋଭାଯାତ୍ରା ଯଜ୍ଞ ମଣ୍ଡପକୁ ଆସିଥିଲା। ସତ୍ୟାନନ୍ଦ ପ୍ରଧାନ, କୈଳାସ ପ୍ରଧାନ, ଜୟନ୍ତ ପ୍ରଧାନ, ହୃଷୀକେଶ ଗଡ଼ତିଆ, ଗଜାନନ ଭୁଏ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରୁଛନ୍ତି। ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ସେମାନେ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିବେ। ଆଚାର୍ଯ୍ୟ ସଞ୍ଜୟ ଦାଶ ଏବଂ ସାଥୀ ବ୍ରହ୍ମାବରଣ ହୋଇଛନ୍ତି। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ରହିଛି ।

## ସତ୍ୟ ସନାତନ ଧର୍ମ ସମ୍ମିଳନୀ

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ରେ ଗୁରୁବାର ସତ୍ୟ ସନାତନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସତ୍ୟ ସନାତନ ପ୍ରଜା ସମିତି ଆନୁକୂଲ୍ୟରେ ହୋଇଥିବା ଏହି ସମ୍ମିଳନୀକୁ ଜିଲାର ବିଭିନ୍ନ ସ୍ଥାନରୁ ଶତାଧିକ ଲୋକ ଆସିଥିଲେ। ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାସ୍ଥଳରୁ ଆସିଥିବା ଜ୍ୟୋତିକୁ ସେମାନେ ପ୍ରଥମେ ସ୍ୱାଗତ କରିଥିଲେ। ସମିତିର ରାଜ୍ୟ ସଭାପତି ଦେବାଶିଷ ହୋତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି କରିଥିଲେ। ମହାତ୍ମା ଦିଲ୍ଲେଶ୍ୱରାନନ୍ଦ ସମ୍ମିଳନୀରେ ଉପସ୍ଥିତ ରହି ସାନ୍ନିଧ୍ୟ ଲାଭ କରିବାର ପ୍ରକୃତ ମାର୍ଗ ଉପରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କାର ଭାରତୀର ଚନ୍ଦ୍ରକାନ୍ତ ଦଣ୍ଡସେନା, ଧର୍ମ ଜାଗରଣ ସମନ୍ୱୟ ବିଭାଗ ଜିଲା ପ୍ରମୁଖ ଶୋଭାରାମ ଦାସ, ଗିରିଶ ଚନ୍ଦ୍ର ମାଝି, ବିଜୟ ଦାସ, ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପତ୍ରାପାଲିକୁ ହରାଇ ବେସୋରା ସେମିରେ

**ପାଇକମାଳ,୨୩।୨(ଡି.ଏନ.ଏ.)**

**ମାଣ୍ଡୋସିଲ ରେଭେଲ ଇଲେଭେନ କ୍ରିକେଟ**

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ବଡ ଖେଳ ପଡ଼ିଆରେ ଚାଲିଥିବା ୨୩ ତମ ରେଭେଲ ଇଲେଭେନ କ୍ରିକେଟ ଟୁର୍ନାମେଣ୍ଟରେ ୫ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ଭୁତମୁଣ୍ଡା ଓ ବେସୋରା ମଧ୍ୟରେ ହୋଇ ବେସୋରା ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ନୂଆଡିହି ଓ ବର୍ତ୍ତିଆ ମଧ୍ୟରେ ହୋଇ ବର୍ତ୍ତିଆ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ବେସୋରା ଓ ବର୍ତ୍ତିଆ ମଧ୍ୟରେ ହୋଇ ବେସୋରା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ ନୂଆପଡା ଓ ପତ୍ରାପାଲି ମଧ୍ୟରେ ଅନୁଷ୍ଠିତ ହୋଇ ପତ୍ରାପାଲି ବିଜୟୀ ହୋଇଥିଲା। ଶେଷରେ କ୍ୱାର୍ଟରଫାଇନାଲ ପତ୍ରାପାଲି ଓ ବେସୋରା ମଧ୍ୟରେ ହୋଇଥିଲା। ଏଥିରେ ବେସୋରା ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଘନଶ୍ୟାମ ଭୋଇ ଓ ଲିଙ୍ଗରାଜ ପୁଟା ଖେଳ ପରିଚାଳନା କରିଥିଲେ। ବିଜୟ ବରିହା ଓ ମନୋରଞ୍ଜନ ମଲ୍ଲିକ ସ୍କୋରର ଥିବାବେଳେ ରାଧାକାନ୍ତ ରଣା ଓ ନରେଶ ବିଶ୍ୱାଳ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସମାଜସେବୀ ତଥା ନାଟ୍ୟକାର ଲଳିତ ଜଗତ ଓ ମଗନ ବରିହା ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ହେମାନନ୍ଦ ବିଶ୍ୱାଳ, ଗୋକୁଳ ବିଶ୍ୱାଳ, ଯୋଶ ପଟେଲ, ଦୁଃଖିଶ୍ୟାମ ସରିଆ, ଆକାଶ ବିଶ୍ୱାଳ, ସୁରେନ୍ଦ୍ର ଭୋଇ, ଦେବ ସିଂ ଭରାସାଗର, ହୃଷୀକେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶୁକ୍ରବାର ଆୟୋଜକ ରେଭେଲ ଇଲେଭେନ ଦଳ ସହିତ ୫ଟି ମ୍ୟାଚ୍ ଖେଳାଯିବ ବୋଲି କୋଷାଧ୍ୟକ୍ଷ ନିର୍ମଳ ଚନ୍ଦ୍ର ନାୟକ ଜଣାଇଛନ୍ତି ।

## ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟ୍‌ବଲ: ସେମିରେ ସୋନପୁର

**ବରଗଡ଼ ଅଫିସ୍,୨୩।୨**

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଚାଲିଥିବା ଧ୍ରୁବରାଜ ଡାଙ୍ଗ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଗୁରୁବାର ମ୍ୟାଚ୍‌ରେ ସୋନପୁରର ରାମଧୂନ କ୍ଲବ ପ୍ରତିପକ୍ଷ କଦଳୀପାଲିକୁ ୧-୦ ଗୋଲରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ରାମଧୂନ କ୍ଲବର ଅଜୟ ଖଡ଼ିଆ ଗୋଲ ସ୍କୋର କରିଥିଲେ। ରାଜ୍ୟ ଯୋଜନା ବୋର୍ଡ଼ ସଭ୍ୟ ସାଧୁଚରଣ ନେପାକ, ଫୁଟବଲପ୍ରେମୀ ଦିଲୀପ ସାୱାଡ଼ିଆ, ଜିଲା କ୍ରୀଡ଼ା ସଂସଦର ଉପସଭାପତି ଯୁଗଳ ପ୍ରସାଦ ସିଂ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅଜୟ ଖଡ଼ିଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଫୁଟବଲ ଖେଳାଳି କୈଳାସ ମାହାଣାଙ୍କ ସମେତ ଶେଖ୍ ସବଦର୍, ସୁରେଶ ଦାଶ, ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରତାପ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାନନ ପାତ୍ର ମ୍ୟାଚ୍ ପରିଚାଳନା କରିଥିବାବେଳେ ଗୋପାଳ ନାୟକ, ଦିପେଶ ପ୍ରଧାନ ଲାଇନରେ ସହଯୋଗ କରିଥିଲେ। ନାରାୟଣ ପଣ୍ଡା ଚତୁର୍ଥ ରେଫେରୀ ଥିଲେ। ଶୁକ୍ରବାର ବରଗଡ଼ର ମୁଣ୍ଡାପଡ଼ା ଏବଂ ସୁନ୍ଦରଗଡ଼ର ସାଇନିଂ ଷ୍ଟାର ମଧ୍ୟରେ ମ୍ୟାଚ୍ ହେବ ବୋଲି ମ୍ୟାଚ୍ କମିଶନର ସଚ୍ଚୀ ପଣ୍ଡା ସୂଚନା ଦେଇଛନ୍ତି।


ଆୟୋଜକ, ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

## ଯମପୁର ଆକ୍ରମଣ ଦୃଶ୍ୟ ଅଭିନୀତ

**ବରଗଡ଼ ଅଫିସ୍,୨୩।୨**

**ଜଳନ୍ଧର ଦରବାର**

ବରଗଡ଼ ବ୍ଲକ ଅନ୍ତର୍ଗତ ଖଲିଆପାଲିଠାରେ ଚାଲିଥିବା ଜଳନ୍ଧର ଦରବାର କାର୍ଯ୍ୟକ୍ରମର ପଞ୍ଚମ ସନ୍ଧ୍ୟାରେ ଜଳନ୍ଧର ମହାରାଜଙ୍କ ଦ୍ୱାରା ଯମରାଜା ବନ୍ଦୀ, ଯମପୁର ଆକ୍ରମଣ ଏବଂ ସିନ୍ଧୁନଗରୀରେ ଆନନ୍ଦ ଉଲ୍ଲାସ ଦୃଶ୍ୟାଭିନୟ ଅଭିନୀତ ହୋଇଥିଲା। ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ ମୁଖ୍ୟ ରାଜ ଅତିଥି ଭାବେ ଯୋଗଦାନ କରିଥିଲେ। ଜଳନ୍ଧର ମହାରାଜ ତାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ସାମାଜିକ କର୍ମୀ ଦୁଃଖିଶ୍ୟାମ ସାହୁ, କାଉନସିଲର ରୋଶନ ପ୍ରଧାନ, ଜ୍ୟୋସ୍ନା ପାଇକ ପ୍ରମୁଖ ରାଜ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବରଗଡ଼ର ଭାରତୀ କଳା ପରିଷଦ ଏବଂ ମାଲକାନଗିରିର ଆଦିବାସୀ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଖଲିଆପାଲି ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବହୁ ଦର୍ଶକଙ୍କ ସମାଗମ ହୋଇଥିଲା।


ଜଳନ୍ଧର ଦରବାର କାର୍ଯ୍ୟକ୍ରମରେ ରାଜଅତିଥିବୃନ୍ଦ ।

## ସଂକ୍ଷେପରେ

### ବାମରା ରେଲରୋକୋକୁ ବିଜେଡିର ସମର୍ଥନ

**ସମ୍ବଲପୁର,୨୩।୨(ବ୍ୟୁରୋ):** ସମ୍ବଲପୁର ଜିଲା ବାମରାଠାରେ ଏକ୍ସପ୍ରେସ ଟ୍ରେନ୍ ରହଣି ପାଇଁ ହେଉଥିବା ଜନଆନ୍ଦୋଳନକୁ ସମ୍ବଲପୁର ଜିଲା ବିଜେଡି ସମର୍ଥନ କରିଛି। ଜିଲା ସଭାପତି ସିଦ୍ଧାର୍ଥ ଦାସ ଏ ନେଇ ସୂଚନା ଦେଇଛନ୍ତି। ସେ ଦାବି କରିଛନ୍ତି, କେନ୍ଦ୍ର ରେଳମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରନ୍ତୁ। ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନ ପ୍ରତ୍ୟାହାର କରାଇବା ପରେ ରାତି ଅଧରେ ପ୍ରତିଶ୍ରୁତିରୁ ଓହରିଯିବା ସ୍ଥାନୀୟ ବାସିନ୍ଦାଙ୍କୁ କ୍ରୋଧିତ କରିଥିଲା, ଯାହା ଦୁର୍ଭାଗ୍ୟଜନକ। ଆଇନଶୃଙ୍ଖଳା ପରିସ୍ଥିତି ଉଦ୍‌ବେଗଜନକ ହୋଇପଡିଛି। ଆହତ ହୋଇଥିବା ସମସ୍ତଙ୍କୁ ସମବେଦନା ଜଣାଉଛି। ଜିଲା ପ୍ରଶାସନ ଅତିଶୀଘ୍ର ରେଲୱେ ଡିଆରଏମ୍ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧି ତଥା ନେତୃ ମଣ୍ଡଳୀଙ୍କ ଏକ ମିଳିତ ଆଲୋଚନା କରି ସମସ୍ୟା ସମାଧାନ କରନ୍ତୁ ବୋଲି ସେ ଦାବି କରିଥିଲେ।

### ଜିଲାସ୍ତରୀୟ ବୈଠକ କରି ଜନମତ ସଂଗ୍ରହ ନିଷ୍ପତ୍ତି

**ବକେୟା ବିଦ୍ୟୁତ୍ ଦେୟ ଛାଡ଼ ଦାବି**

**ପଡିଆବାହାଲ, ୨୩।୨(ଡି.ଏନ.ଏ.):** ବର୍ତ୍ତମାନ ସମୟରେ ବିଦ୍ୟୁତ୍ ସେବା ଜୀବନଜୀବିକା ସହ ଅଙ୍ଗାଙ୍ଗି ଭାବେ ଜଡିତ। ସରକାର ଏଥିପ୍ରତି ଗୁରୁତ୍ୱ ଦେବା ସହିତ କରେଣ୍ଟ ବିଲ୍‌କୁ ବାଦ ଦେଇ ବର୍ଷ ବର୍ଷ ଧରି ପଡିରହିଥିବା ଏରିଅର ବିଲ୍ ସମ୍ପୂର୍ଣ୍ଣ ଛାଡ କରିବାକୁ ସମ୍ବଲପୁର ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଗଠନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଗୁରୁବାର ଏହି ମର୍ମରେ ଝୁଝୁମୁରା ବ୍ଲକ ପଡିଆବାହାଲଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଗଠନର ଅଧ୍ୟକ୍ଷ ଶରତ ଚନ୍ଦ୍ର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟୁତ୍ ଦେୟ ଛାଡ ନେଇ ଏକ ଜିଲାସ୍ତରୀୟ ସମାବେଶ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ଜିଲାର ସମସ୍ତ ବ୍ଲକକୁ ଗସ୍ତ କରି ଜନମତ ସଂଗ୍ରହ କରିବାକୁ ଆଲୋଚନା ହୋଇଥିଲା। ବୈଠକରେ ସଂଗଠନ ଆବାହକ ଡା. ରାଜାରାମ ଷଡଙ୍ଗୀ, ଝସକେତନ ନାଏକ, ପ୍ରବୀଣ ସୂପକାର, ମନୋଜ ସୁବୁଦ୍ଧି, ବାବୁଲା ହୁସେନ, ରାମକୃଷ୍ଣ କର, ସୂର୍ଯ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ରେଙ୍ଗାଲି ପଞ୍ଚାୟତରେ ଆଇନ ସଚେତନତା କାର୍ଯ୍ୟକ୍ରମ

**ରେଙ୍ଗାଲି,୨୩।୨(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ପଞ୍ଚାୟତ କାର୍ଯ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ସଚିବ ଶୁଭଙ୍କର ମିଶ୍ର, ସ୍ଥାୟୀ ଲୋକ ଅଦାଲତ ଚେୟାର ପର୍ସନ ହିମାଂଶୁ ଶେଖର ବ୍ରହ୍ମା, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ଜିପିଓ ମୋନିକା ବହିଦାର ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାର ଶ୍ରେଷ୍ଠ ଅଙ୍ଗନୱାଡ଼ି କର୍ମୀ ସୁଷମା ସାହୁ ଓ ଶ୍ରେଷ୍ଠ ଆଶା କର୍ମୀ ରୀନା ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ କିଶୋର ତରେଇ ପରିଚାଳନା କରିଥିଲେ।

# ଦେବଝରଣରେ ହେବ ୱାଟରସ୍ପୋର୍ଟ୍ସ : ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ

**ସମ୍ବଲପୁର,୨୩।୨(ବ୍ୟୁରୋ)**


ଝୁଝୁମୁରା ଅଞ୍ଚଳରେ କୃଷି ଉଦ୍ୟୋଗ ବୁଲି ଦେଖୁଛନ୍ତି ଡବ୍ଲ୍ୟୁଓଡିସି ଅଧ୍ୟକ୍ଷ।

ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅସିତ ତ୍ରିପାଠୀ ଦିନିକିଆ ସମ୍ବଲପୁର ଜିଲା ଗସ୍ତ କରି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଛନ୍ତି। ପ୍ରଥମେ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ ନାବାର୍ଡ ସହାୟତାରେ କରାଯାଇଥିବା କଦଳୀ ଟିସୁ କଲଚର ଲ୍ୟାବର ଉଦ୍‌ଘାଟନ କରିଥିଲେ। ପଶ୍ଚିମ ଓଡିଶାରେ ଉଦ୍ୟାନ କୃଷିକୁ ସୁହାଇଲା ପରି ଜଳବାୟୁ ଥିବାରୁ ଚାଷୀ କିଭଳି କଦଳୀ ସହ ଅନ୍ୟ ଉଦ୍ୟାନ କୃଷିକୁ ଗୁରୁତ୍ୱ ଦେବେ ସେଥିପାଇଁ ସରକାର ସର୍ବଦା ଚେଷ୍ଟିତ ବୋଲି କହିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲାପାଳ ଅନନ୍ୟା ଦାସ, ନାବାର୍ଡ ସିଜିଏମ୍ ସି. ଉଦୟ ଭାସ୍କର, ଡବ୍ଲ୍ୟୁଓଡିସି ସିଇଓ ଡ଼. ଅଜିତ କୁମାର ମିଶ୍ର, ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ଼. ନୃପରାଜ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଅଧ୍ୟକ୍ଷ ତ୍ରିପାଠୀ ଝୁଝୁମୁରା ବ୍ଲକ ନୂଆଁବରଙ୍ଗମାଲ ପଞ୍ଚାୟତର ଗୋବର୍ଦ୍ଧନ ବଡ଼ମାଲ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସିତାକାନ୍ତ ବେହେରା ୨ କୋଟି ବ୍ୟୟ ଅଟକଳରେ କରିଥିବା ଇକୋ ଟୁରିଜମ ପରିଦର୍ଶନ କରିଥିଲେ। ପରେ ଦେବଝରଣ ଜଳପ୍ରପାତ ବୁଲି ଦେଖିଥିଲେ। ଏହାର ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି। ଦେବଝରଣ ରିଜର୍ଭରରେ ୱାଟର ସ୍ପୋର୍ଟ୍ସ ନିମନ୍ତେ ଡବ୍ଲ୍ୟୁଓଡିସି ତରଫରୁ ସହାୟତା ଦିଆଯିବ ବୋଲି ସେ ଘୋଷଣା କରିଥିଲେ। ଏହି ଅବସରରେ ଝୁଝୁମୁରା ବିଡିଓ ନୀଳାମ୍ବର ମହାନନ୍ଦ, ଝୁଝୁମୁରା ତହସିଲଦାର ଅଭିଷେକ ସାହୁ, ବ୍ଲକ ଅଧ୍ୟକ୍ଷା ମମତା ନାଏକ, ସ୍ଥାନୀୟ ସରପଞ୍ଚ ବାସନ୍ତି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେ ରେଢ଼ାଖୋଲ ବ୍ଲକର ବରହମପୁରା ଗସ୍ତ କରିଥିଲେ। ସେଠାରେ ୫୨ ପରିବାର ଶଙ୍ଖପଟିଆ ବାହାଡା ଝରଣାରୁ ପାଇପ ସଂଯୋଗ କରି ଜଳକୁ କିଭଳି ବ୍ୟବହାର କରୁଛନ୍ତି ତାହା ଦେଖିଥିଲେ। ଏହାଛଡା ୭ଟି ଏସ୍‌ଏଚ୍‌ଜି ଏହି ଏହି ପାଇପ ପାଣି ଯୋଗେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଛନ୍ତି। ରେଢ଼ାଖୋଲ ଏନ୍‌ଏସିରେ ଚାଲିଥିବା ଟାଉନ ହଲ, ବସ୍ ଟର୍ମିନାଲ କାର୍ଯ୍ୟ ସମୀକ୍ଷା କରିଥିଲେ।

### ଠେଲକୋଲୋଇରେ ଦୋକାନ ପୋଡ଼ି

**ରେଙ୍ଗାଲି, ୨୩।୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଠେଲକୋଲୋଇ ଗ୍ରାମରେ ଗୁରୁବାର ଏକ ଦୋକାନ ପୋଡି ଭସ୍ମୀଭୂତ ହୋଇଯାଇଛି। ପି ଲକ୍ଷ୍ମଣ ରେଡ୍ଡୀ ନାମକ ବ୍ୟକ୍ତି ଦୀର୍ଘଦିନ ହେଲା ଠେଲକୋଲୋଇଠାରେ ନିଜ ପରିବାର ସହ ରହି ଆସୁଛନ୍ତି। ନିକଟସ୍ଥ କାରଖାନାରେ ସେ କାମ କରିବା ସହ ଘର ପାଖରେ ଏକ ଛୋଟ ଜଳଖିଆ ଦୋକାନ କରି ପରିବାର ପୋଷଣ କରୁଥିଲେ। ବୁଧବାର ବିଳମ୍ବିତ ରାତିରେ ସେ ଦୋକାନରେ ଥିବା ସମୟରେ ତାଙ୍କ ଆଖି ଲାଗିଯାଇଥିଲା। ଏହି ସମୟରେ ଦୋକାନରେ ଥିବା ତେଲ କଡ଼େଇରେ ନିଆଁ ଲାଗିଯାଇଥିଲା । ସେ କିଛି ଜାଣିବା ଆଗରୁ ନିଆଁ ଦୋକାନକୁ ବ୍ୟାପି ଯାଇଥିଲା। ନିକଟରେ ଥିବା ଲୋକେ ଏହା ଜାଣିବା ପରେ ନିଆଁକୁ ଆୟତ୍ତ କରିବା ସହ ଫସି ରହିଥିବା ଲକ୍ଷ୍ମଣଙ୍କୁ ଉଦ୍ଧାର କରିଥିଲେ। ପରେ ଆହତ ଦୋକାନୀଙ୍କୁ ଡାକ୍ତରଖାନା ନିଆଯାଇଥିଲା।

# ସର୍ବଭାରତୀୟ ବରିଷ୍ଠ ନାଗରିକ ମହାସଂଘ ସମ୍ମିଳନୀ

**ସମ୍ବଲପୁର,୨୩।୨(ବ୍ୟୁରୋ)**

**ବରିଷ୍ଠ ନାଗରିକମାନଙ୍କୁ ସମସ୍ତ ସୁବିଧା ଦେବା ଉଚିତ**

ସର୍ବଭାରତୀୟ ବରିଷ୍ଠ ନାଗରିକ ମହାସଂଘ ସମ୍ମିଳନୀ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଆବାହକ ପ୍ରଫୁଲ୍ଲ ହୋତା ଓ ସଭାପତି ଟହଲୁ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମହାସଂଘ ସାଧାରଣ ସମ୍ପାଦକ ଶ୍ରୀହରି ସିନ୍ଧେଆ, ସଭାପତି ଭି. ଭଦାନୀ, ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ବିଭୁ ଭୂଷଣ ମିଶ୍ର ସମ୍ମାନିତ ଅତିଥି ଏବଂ ବରଗଡ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ କିପରି ବିଭିନ୍ନ ସୁବିଧା ସୁଯୋଗ ଦିଆଯିବ ସେ ନେଇ ମତବ୍ୟକ୍ତ କରିଥିଲେ। ବରଗଡ଼ ସଂଘର ଯୁଗ୍ମସମ୍ପାଦକ ଗୋବିନ୍ଦ ଦାଶଙ୍କ ତତ୍ତ୍ୱାବଧାନରେ ବରଗଡ଼ ରୋଟାରି ପବ୍ଲିକ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବଲାଙ୍ଗୀରରୁ ପୁରୀକୁ ଇଣ୍ଟରସିଟି ସୁପରଫାଷ୍ଟ ଟ୍ରେନ୍ ଚଳାଚଳ ଏବଂ ବରିଷ୍ଠ ନାଗରିକମାନଙ୍କୁ ରେଳ ରିହାତି ପାଇଁ ଏମ୍‌ପି ପୂଜାରୀଙ୍କୁ ଅନୁରୋଧ କରାଯାଇଥିଲା। ଏହାସହ ଉଡାଜାହାଜ, ଟ୍ରେନ ଓ ବସ୍‌ରେ ବରିଷ୍ଠ ନାଗରିକଙ୍କୁ ରିହାତି, ସ୍ୱାସ୍ଥ୍ୟ ସେବା ପାଇଁ ବିଶେଷ ସୁବିଧା ଓ ବ୍ୟାଙ୍କ ତଥା ପୋଷ୍ଟ ଅଫିସରେ ଜମାରାଶି ଉପରେ ଅଧିକ ସୁଧ ଦେବା ଆବଶ୍ୟକତା ରହିଛି । ତେଣୁ ଉପରୋକ୍ତ ସମସ୍ତ ବିଷୟରେ ସଂସଦରେ ଉପସ୍ଥାପିତ କରିବି ବୋଲି ଏମ୍‌ପି ପୂଜାରୀ ନିଜ ବକ୍ତବ୍ୟରେ କହିଥିଲେ। ୯୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବିପିନ ବିହାରୀ ପଟ୍ଟନାୟକ, ଅରବିନ୍ଦ ମହାପାତ୍ର, ଅବିନାଶ କୁମାର ପଣ୍ଡା, ମଦନ ଭାଇ ପଟେଲ, ବୃନ୍ଦାବନ ରାଉତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସଦାନନ୍ଦ ସାନବର୍ଷାଙ୍କ ଅଧ୍ୟକ୍ଷତାରେ ନନ୍ଦ କିଶୋର ଦେବତା, ନାରାୟଣ ନାୟକ, ନିମଳ କୁମାର ମାଇତି, ଧନେଶ୍ୱର ମେହେର, କୈଳାସ ଚନ୍ଦ୍ର ମିସ୍ତ୍ରୀ, ନରେନ୍ଦ୍ର ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗଠନ ସମ୍ପାଦକ କେଦାର ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ମହାସଂଘ ସାଧାରଣ ସମ୍ପାଦକ ପ୍ରହ୍ଲାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

### ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପୃକ୍ତି ତାଲିମ ଶିବିର

**ନାକଟିଦେଉଳ,୨୩।୨(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସ୍ଥାନୀୟ ଜଗନ୍ନାଥପ୍ରସାଦଠାରେ ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପୃକ୍ତି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଇଓ ବିଜୟ କୁମାର ପାତ୍ର, ଏବିଇଓ ଚନ୍ଦ୍ରମଣୀ ବେହେରା ଅତିଥି ଭାବେ ଯୋଗଦେଇ ୪ଦିନ ଧରି ହେବାକୁ ଥିବା ଶିବିର ଉଦ୍‌ଘାଟନ କରିଛନ୍ତି। ଏଥିରେ ବାଳବାଟିକା, ଅଙ୍ଗନୱାଡ଼ି ଓ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଜଗନ୍ନାଥପ୍ରସାଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାର୍ଜନ ସାହୁ, ଜୁରାପାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନରଶ୍ମି ପ୍ରଧାନ, ବଞ୍ଜାଗୋଲା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁ, ସଡୋ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ହୁସେନ କୁମାର ସାହୁ, କଞ୍ଚନପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ନାଏକ, ଝାରବେଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକାନ୍ତ କୁମାର ବାଘ ସାଧନ କର୍ମୀ ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। ଶିବିରରେ ବ୍ଲକର ମୋଟ ୧୦୯ଜଣ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି।

# ଟିଙ୍କିରା ନଦୀରୁ ବାଲି ଚୋରା ଚାଲାଣ


ଟିଙ୍କିରା ନଦୀରୁ ଜେସିବି ସାହାଯ୍ୟରେ ବାଲି ଉଠାଯାଉଛି।

**ନାକଟିଦେଉଳ,୨୩।୨(ଡ଼ି.ଏନ.ଏ.)**

ନାକଟିଦେଉଳ ତହସିଲ ଅନ୍ତର୍ଗତ ବାଟଗାଁ ରାଜସ୍ୱ ସର୍କଲର ଟିଙ୍କିରା ନଦୀରୁ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବାଟଗାଁ ପଞ୍ଚାୟତର ସମିତିସଭ୍ୟ ସୁଶାନ୍ତ କୁମାର ସାମଲ ଗୁରୁବାର ତହସିଲଦାର ସୁକାନ୍ତ କୁମାର ନାଏକଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏହାର ନକଲ ସମ୍ବଲପୁର ଜିଲାପାଳ, ଏସ୍‌ପି, ଭିଜିଲାନ୍ସ ଏସ୍‌ପିଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ ପ୍ରାୟ ୨ମାସ ହେବ କେତେଜଣ ବାଲି ମାଫିଆ ଟେଣ୍ଡର ନେଇଥିବା ଦର୍ଶାଇ ସେଠାରେ ଏକ ଅସ୍ଥାୟୀ କ୍ୟାମ୍ପ କରି ଟିଙ୍କିରା ନଦୀରୁ ଜେସିବି ସାହାଯ୍ୟରେ ବାଲି ଉତ୍ତୋଳନ କରୁଛନ୍ତି। ଏପରି କି ଦିନ ଦ୍ୱିପ୍ରହରରେ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ଚାଲାଣ କରୁଛନ୍ତି। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କଲେ ସଂପୃକ୍ତ ବାଲି ମାଫିଆମାନେ ସେମାନଙ୍କୁ ମାରପିଟ କରିବା ସହ ଧମକଚମକ ଦେଉଛନ୍ତି। ତହସିଲର ବିନା ଟେଣ୍ଡରରେ ଉକ୍ତ ସ୍ଥାନରୁ କିପରି ବାଲି ଉଠାଯାଉଛି ବୋଲି ସମିତି ସଭ୍ୟ ସାମଲ ପ୍ରଶ୍ନ କରିଛନ୍ତି। ତହସିଲ ପକ୍ଷରୁ ଚଢାଉ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ଟ୍ରାଫିକ କୋନ, ବେଟନ ଲାଇଟ ପ୍ରଦାନ କାର୍ଯ୍ୟକ୍ରମ

**ସମ୍ବଲପୁର,୨୩।୨(ବ୍ୟୁରୋ)**


ରିଜର୍ଭ ପୋଲିସ ପଡିଆଠାରେ ଏଲ୍‌ଆଇସି ମଣ୍ଡଳ ଆୟୋଜିତ କାର୍ଯ୍ୟକ୍ରମ।

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ସମ୍ବଲପୁର ମଣ୍ଡଳ ପକ୍ଷରୁ ରିଜର୍ଭ ପୋଲିସ ପଡିଆଠାରେ ଗୁରୁବାର ଟ୍ରାଫିକ କୋନ ଓ ବେଟନ ଲାଇଟ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଲ୍‌ଆଇସି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ବିଏଲ୍ ଦାଶ ଯୋଗଦେଇ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ୧୫୦ଟି ଟ୍ରାଫିକ କୋନ ଓ ୫୦ଟି ବେଟନ ଲାଇଟ ଆଇଜି ଡ. ଦୀପକଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର, ଏଲ୍‌ଆଇସି ବିପଣନ ପ୍ରବନ୍ଧକ ପିକେ ପୃଷ୍ଟି, ବିକ୍ରୟ ପ୍ରବନ୍ଧକ ଶରତ କୁମାର ପଣ୍ଡା, ପ୍ରଶାସନିକ ଅଧିକାରୀ ଅନୁପ ମିଶ୍ର, ବିପିନ ବିଲୁଙ୍ଗ, ଟ୍ରାଫିକ ଡିଏସ୍‌ପି ନରେନ୍ଦ୍ର ଷଡଙ୍ଗୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ଏଲ୍‌ଆଇସି ପକ୍ଷରୁ ଟ୍ରାଫିକ ସମସ୍ୟାର ନିରାକରଣ ସକାଶେ ୨୦ଟି ଟ୍ରାଫିକ ବାରିକେଟ ଜିଲା ପୋଲିସକୁ ପ୍ରଦାନ କରାଯାଇଥିଲା ।

### ବେତଝରଣରେ ଅଗ୍ନିକାଣ୍ଡ

**ନାକଟିଦେଉଳ,୨୩।୨(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ବେତଝରଣ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କର ୨ବଖରା ଗୁହାଳ ଘର ଭସ୍ମୀଭୂତ ହୋଇଯାଇଛି। ସୂଚନାକ୍ରମେ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଗ୍ରାମର ଘନ ଶବରଙ୍କ ଗୁହାଳ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏହା ଜଣାପଡ଼ିବା ପରେ ଗ୍ରାମବାସୀ ନାକଟିଦେଉଳ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଏନ୍‌ସିସି ଶାଖା ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ସମ୍ବଲପୁର,୨୩।୨(ବ୍ୟୁରୋ)**

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ମହାବିଦ୍ୟାଳୟଠାରେ ଗୁରୁବାର ଏନ୍‌ସିସି ଶାଖା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସିକତା ପଣ୍ଡାଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଏନ୍‌ସିସି ଅଧିକାରୀ କର୍ନେଲ ସିସି ନାଗ ମୁଖ୍ୟଅତିଥି, ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶିକା ଡ. ପ୍ରଭାବତୀ ଗୁରୁ, ଉପଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ. ଜିତେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଏନ୍‌ସିସି ଅଫିସର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଆଇକ୍ୟୁଏସି ସେଲ ମୁଖ୍ୟ ପ୍ରଫେସର ଦୁର୍ଲ୍ଲଭ କୁମାର ସା ଏନ୍‌ସିସିର ଗୁରୁତ୍ୱ ବିଷୟରେ କହିଥିଲେ। ଶେଷରେ ପ୍ରଫେସର ଶ୍ୟାମ ଭୋଇ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ସୁଜିତ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସ୍କୁଲ ବିଦ୍ୟାର୍ଥୀଙ୍କୁ ଏକ୍‌ଜାମ୍ ୱାରିୟର୍ସ ବଣ୍ଟନ

**ସମ୍ବଲପୁର,୨୩।୨(ବ୍ୟୁରୋ)**

ସମ୍ବଲପୁର ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କୁ ଏକ୍‌ଜାମ୍ ୱାରିୟର୍ସ ପୁସ୍ତକ ବଣ୍ଟନ କରାଯାଇଛି। ପରୀକ୍ଷା ସମୟରେ ପିଲା ଓ ସେମାନଙ୍କ ଅଭିଭାବକଙ୍କ ଉପରେ ଥିବା ଚାପକୁ କମାଇବା, ପରୀକ୍ଷାକୁ ନେଇ ଥିବା ଭୟ ଦୂର କରିବା ସହ ବିଭିନ୍ନ ଉପାଦେୟ କଥା ଏହି ପୁସ୍ତକରେ ବର୍ଣ୍ଣନା କରାଯାଇଛି। ଏହି ପୁସ୍ତକ ସହିତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାର୍ତ୍ତା ମଧ୍ୟ ଦେଇଛନ୍ତି। ପରୀକ୍ଷା ସମୟରେ ଭୟ ଓ କୌଣସି ଚାପର ବଶବର୍ତ୍ତୀ ହେବା ଅନୁଚିତ। ପରୀକ୍ଷାକୁ ଏକ ବୋଝ ଭାବେ ନୁହେଁ, ବରଂ ଉତ୍ସବ ଭାବେ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପିଲାମାନଙ୍କୁ ପରାମର୍ଶ ଦେଉଛନ୍ତି। ଏକ୍‌ଜାମ୍ ୱାରିୟର୍ସ ପୁସ୍ତକରେ ଥିବା ନାନା ଉପାଦେୟ କଥା ଛାତ୍ରୀଛାତ୍ରଙ୍କ ଜୀବନର ପ୍ରତି ପରୀକ୍ଷାରେ କାମ ଦେବ । ସଫଳତା ପାଇଁ ଉଭୟ ମନ ଓ ଶରୀରକୁ ସୁସ୍ଥ ରଖିବା ଜରୁରୀ। ଏହା ପିଲା ମାନଙ୍କର ଆତ୍ମବିଶ୍ୱାସକୁ ବଢ଼ାଇବ।

# ଚାରିଟେବଲ ଟ୍ରଷ୍ଟର କ୍ୟାନସର ଚିହ୍ନଟ ଶିବିର


କ୍ୟାସନର ପରୀକ୍ଷା ଶିବିର ।

**ସମ୍ବଲପୁର,୨୩।୨(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲିସ୍ଥିତ ବେସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ସାଥି ଚାରିଟେବଲ ଟ୍ରଷ୍ଟ ଓ ରାୟପୁରସ୍ଥିତ ସଞ୍ଜୀବନି ମେଡିକାଲର ସହଯୋଗରେ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିର କ୍ୟାନସର, ମଧୁମେହ ଓ ଥାଏରଏଡ଼ ଚେକ୍‌ଅପ୍ କରାଯାଇଥିଲା। ଟ୍ରଷ୍ଟର ସଭାପତି ତଥା ପୂର୍ବତନ ନଗରପାଳ ସିଦ୍ଧାର୍ଥ ସାହାଙ୍କ ସମେତ ଡା. ଜୋତିର୍ମୟୀ ପ୍ରଧାନ, ଡା. ଅମିତ ଡାଲମିଆ, ଡା. ଅର୍ପଣ ଚତୁରମହତା, ଡା. ଅଙ୍କିତ ଠୋକେ, ଡା. ଅରୁଣ କୁମାର ଡାଲମିଆ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ମୋଟ ୪୫ ଜଣ କ୍ୟାନସର ପରୀକ୍ଷା କରାଇଥିଲେ। ସେମାନଙ୍କ ମଧ୍ୟରୁ ୨୦ ଜଣଙ୍କ କ୍ୟାନସର ଲକ୍ଷଣ ଦେଖାଦେଇଥିଲା। ସେମାନଙ୍କୁ ଟ୍ରଷ୍ଟ ପକ୍ଷରୁ ରାୟପୁର ନେଇ ଚିକିତ୍ସା କରାଯିବ ବୋଲି ସୂଚନା ଦିଆଯାଇଛି।

# ତୋଳାଳିଙ୍କ କ୍ଷେତ୍ରରେ ଘୋଷଣା କାର୍ଯ୍ୟକାରୀ ହେଉ

**ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା**

**ସମ୍ବଲପୁର,୨୩।୨(ବ୍ୟୁରୋ)**


ମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ଆସିଥିବା କେନ୍ଦୁପତ୍ର କର୍ମଚାରୀ ସଂଘ କର୍ମକର୍ତ୍ତା।

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସହିତ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ପୁସା. ଜେ. ମେକ୍ରୋ ଆଲୋଚନା କରିବା ସହ ସମୀକ୍ଷା କରିଛନ୍ତି। କେନ୍ଦୁପତ୍ର ତୋଳାଳି, ଶ୍ରମିକ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କରିଥିବା ଘୋଷଣା ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ବୈଠକରେ ଦାବି ହୋଇଥିଲା। ଏଥିରେ ସଂଘ ସଭାପତି ବିଜୟ କୁମାର ମହାନ୍ତିଙ୍କ ସମେତ ରାଜ୍ୟ କର୍ମକର୍ତ୍ତା ତଥା ଡିଭିଜନ ସ୍ତରୀୟ ସମ୍ପାଦକମାନେ ଯୋଗଦେଇଥିଲେ। କେନ୍ଦୁଲିଫ ୱେଲଫେୟାର ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି, କଟକ ସିସିଏଫ୍ ସୁଦର୍ଶନ ପାତ୍ର, ବଲାଙ୍ଗୀର ସିସିଏଫ୍ ପ୍ରଦୀପ୍ତ ମହାପାତ୍ର, ଏସିଏଫ୍ ଲଲାଟେନ୍ଦୁ ଜେନା ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ମଜୁରି ଉପଦେଷ୍ଟା କମିଟି ଗଠିତ ହୋଇଥିଲା। ପରେ ସଂଘର କର୍ମକର୍ତ୍ତାମାନେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ଓ କମିଟିର ଅଧ୍ୟକ୍ଷ ତଥା ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ଯଥାଶୀଘ୍ର କମିଟିର ପ୍ରସ୍ତାବ ରାଜ୍ୟ ସରକାରଙ୍କୁ ପଠାଇବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋକୁଳ ମେହେର, ଦୀନବନ୍ଧୁ ବେହେରା, ମହମ୍ମଦ ମୁର୍ତ୍ତୁଜା, ଅନାଦି ସାହୁ, କ୍ଷେତ୍ରଚନ୍ଦ୍ର ବାରିକ, ଯଦୁମଣି ପାଣିଗ୍ରାହୀ, ସଞ୍ଜୟ ଚୌଧୁରି, କିଶୋର ପ୍ରଧାନ, ଭୂପେନ୍ଦ୍ର ନାୟକ, ଶିବ ପରିଚ୍ଛା, ରତ୍ନାକର ପ୍ରଧାନ, ରାଜୁ ବିଶି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ସମ୍ପର୍କରେ ସଂଘ ସଭାପତି ମହାନ୍ତି କହିଛନ୍ତି, ରାଜ୍ୟରେ ବିଭିନ୍ନ ଡିଭିଜନରେ ପ୍ରାୟ ୧ ଲକ୍ଷ ୫୦ ହଜାର କେନ୍ଦୁପତ୍ର ତୋଳାଳି, ସିଜନାଲ କର୍ମଚାରୀ, ବନ୍ଧେଇ ଶ୍ରମିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରି ନାହାନ୍ତି। କେବଳ ରାଶନ କାର୍ଡକୁ ଭିତ୍ତି ନ କରି କେନ୍ଦୁପତ୍ର କାର୍ଡ ବା ପରିଚୟପତ୍ରକୁ ଭିତ୍ତି କରି ବୀମା ସୁବିଧା ପାଇବାରେ ସମ୍ପୃକ୍ତ ସଂସ୍ଥା ପଦକ୍ଷେପ ନେବା ଆବଶ୍ୟକ। କେନ୍ଦୁପତ୍ର ସଂସ୍ଥାରେ କାର୍ଯ୍ୟରତ ତୋଳାଳି, ସିଜନାଲ୍ କର୍ମଚାରୀ ଓ ବନ୍ଧେଇ ଶ୍ରମିକଙ୍କ ଝିଅପୁଅ ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ଶିକ୍ଷା ବୃତ୍ତି ପାଇବା ଦିଗରେ ହୋଇଥିବା ଘୋଷଣା ସ୍ୱାଗତଯୋଗ୍ୟ। ହେଲେ ଏଥିରେ ୫୦ ପ୍ରତିଶତ ମାର୍କ ରଖିବା ସର୍ତ୍ତ ପ୍ରତିବନ୍ଧକ ହେବ। ତୋଳାଳିମାନଙ୍କୁ ପରିଚୟ ପତ୍ର ଦେବା, ଘୋଷଣାକୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ହୋଇଥିଲା। ଖାଲିପଡିଥିବା ପଦ ପୂରଣ କରିବାକୁ ପିସିସିଏଫ୍ ପ୍ରତିଶ୍ରୁତି ଦେଇଥିଲେ।

